
# ଗଣିତ ଖେଳ

## ପ୍ରଥମ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ମୋ ନାମ:....................................

ମୋ ବାପାଙ୍କ ନାମ :..............................

ମୋ ମା'ଙ୍କ ନାମ :..............................

ମୋ ବିଦ୍ୟାଳୟର ନାମ:........................

ମୋ ଶ୍ରେଣୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନାମ

..................................................

ମୋ ଗାଁ/ସାହିର ନାମ

..................................................

DRAFT

# ଗଣିତ ଖେଳ

## ପ୍ରଥମ ଶ୍ରେଣୀ

DRAFT

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ଗଣିତ ଖେଳ

## ପ୍ରଥମ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ

**ସମ୍ପାଦକ ମଣ୍ଡଳୀ :**

ଶ୍ରୀମତୀ ନିହାରୀକା ଦେବୀ
ଶ୍ରୀ ପ୍ରସନ୍ନ କୁମାର ସାହୁ
ଶ୍ରୀମତୀ ଚନ୍ଦ୍ରିକା ନାୟକ

**ସମୀକ୍ଷକ ମଣ୍ଡଳୀ :**

ଡକ୍ଟର ତାପସ କୁମାର ନାୟକ
ଶ୍ରୀ ରାଜେଶ କୁମାର ବିଶ୍ୱାଳ
ଶ୍ରୀମତୀ ଚନ୍ଦ୍ରିକା ନାୟକ

**ବିଷୟ ବିଶେଷଜ୍ଞ :**

ଶ୍ରୀ ହୃଷିକେଶ ଆଚାର୍ଯ୍ୟ

**ସଂଯୋଜନା :**

ଶ୍ରୀମତୀ ଚନ୍ଦ୍ରିକା ନାୟକ
ଡ. ସବିତା ସାହୁ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡି.ଟି.ପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

DRAFT

# ପ୍ରସ୍ତାବନା

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସାଧନ କରିବା । ଆମ ଦେଶରେ ପିଲାମାନଙ୍କ ଯତ୍ନ ଓ ଶିକ୍ଷା ପାଇଁ ପରିବାର, ଗାଁ, ଗୋଷ୍ଠୀ ଓ ବିଦ୍ୟାଳୟର ଯଥେଷ୍ଟ ଭୂମିକା ରହିଛି । ପ୍ରତ୍ୟେକ ପିଲାର ଜୀବନରେ ତା'ର ପ୍ରଥମ ଆଠ ବର୍ଷ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ସେ ତା'ର ପରିବାରରୁ ଯାହା ସବୁ ଶିଖିଥାଏ, ତାହା ପରବର୍ତ୍ତୀ ସମୟରେ ତା'ର ବୃଦ୍ଧି, ସ୍ୱାସ୍ଥ୍ୟ, ଆଚରଣ ଏବଂ ବୌଦ୍ଧିକ ଦକ୍ଷତା ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ ।

ପିଲାଟିର ଜୀବନବ୍ୟାପୀ ବିକାଶରେ ପ୍ରାରମ୍ଭିକ ବର୍ଷଗୁଡ଼ିକର ଗୁରୁତ୍ୱକୁ ବିଚାର କରି, ଜାତୀୟ ଶିକ୍ଷା ନୀତି ୨୦୨୦ରେ ୩ ରୁ ୮ ବର୍ଷ ବୟସର ପିଲାମାନଙ୍କର ଶିକ୍ଷାର ଗୁଣାତ୍ମକତାକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି । ମୌଳିକ ପର୍ଯ୍ୟାୟ (ଶିଶୁବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ)ରେ ପିଲାଟି ଆହରଣ କରୁଥିବା ସମସ୍ତ ଅଭିଜ୍ଞତା ତା'ର ଶିକ୍ଷା, ସାମାଜିକ ଏବଂ ଆବେଗିକ ଆଚରଣ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ । ଜାତୀୟ ଶିକ୍ଷା ନୀତିରେ ପ୍ରଦତ୍ତ ନୀତି ଓ ମୂଳ ଧାରଣାଗୁଡ଼ିକର ଆଧାରରେ ଏନ୍‌ସିଏଫ-ଏଫଏସ୍ ୨୦୨୨ (ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ) ପ୍ରକାଶ ପାଇଛି । ପରବର୍ତ୍ତୀ ସମୟରେ, ଏନ୍‌ସିଇଆରଟି, ନୂଆଦିଲ୍ଲୀ ଦ୍ୱାରା ଏନ୍‌ସିଏଫ-ଏଫଏସ୍ ୨୦୨୨ର ସୁପାରିଶ ଅନୁଯାୟୀ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ପାଠ୍ୟପୁସ୍ତକଗୁଡ଼ିକରେ ଶ୍ରେଣୀଗୃହର ଶିକ୍ଷାକୁ ପିଲାମାନଙ୍କର ବାସ୍ତବ ଜୀବନ ସହିତ ସଂଯୋଗ କରିବାକୁ ଚେଷ୍ଟା କରାଯାଇଛି ।

ଏନ୍‌ସିଏଫ-ଏଫଏସ୍ ୨୦୨୨ରେ ପଞ୍ଚକୋଷୀୟ ବିକାଶ (ମାନବ ବ୍ୟକ୍ତିତ୍ୱର ପାଞ୍ଚଟି ଆବରଣର ବିକାଶ-ଯଥା ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷ)କୁ ଗୁରୁତ୍ୱ ଦିଆଯାଇଛି, ଏଥିସହିତ ଶିକ୍ଷଣର ପାଞ୍ଚଟି କ୍ଷେତ୍ର, ଯଥା - ଶାରୀରିକ, ସାମାଜିକ-ଆବେଗିକ, ବୌଦ୍ଧିକ, ଭାଷା ଓ ସାକ୍ଷରତା ଏବଂ ସାଂସ୍କୃତିକ ଓ ସୌନ୍ଦର୍ଯ୍ୟବୋଧ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ଏନ୍‌ସିଏଫ-ଏଫଏସ୍ ୨୦୨୨ ଓ ଏନ୍‌ସିଏଫ-ଏସ୍‌ଇ ୨୦୨୩କୁ ଭିତ୍ତିକରି ଆମରାଜ୍ୟରେ ବିଦ୍ୟାଳୟ ଶିକ୍ଷାପାଇଁ ଓଡ଼ିଶା ପାଠ୍ୟକ୍ରମ ରୂପରେଖ - ୨୦୨୫ ପ୍ରସ୍ତୁତ କରାଯାଇଛି ।

ଏନ୍‌ସିଏଫ-ଏଫଏସ୍ ୨୦୨୨ ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣ ପାଇଁ କ୍ରୀଡ଼ା-ଭିତ୍ତିକ ପଦ୍ଧତି ବ୍ୟବହାର କରିବାକୁ ଉଲ୍ଲେଖ କରାଯାଇଛି । ଏଥିନିମନ୍ତେ ପାଠ୍ୟପୁସ୍ତକରେ ଭିନ୍ନ ଭିନ୍ନ ପ୍ରକାର କାର୍ଯ୍ୟ ଯେପରି ଖେଳ, ଆଲୋଚନା, ଚିତ୍ର ଅଙ୍କନ , ନାଟକ ଅଭିନୟ, ଗପ ଶୁଣିବା, ଆଦି ମାଧ୍ୟମରେ ପିଲାମାନଙ୍କର ଦକ୍ଷତାକୁ ବିକାଶ କରିବାର ସୁଯୋଗ ରହିଛି । ଆମ ରାଜ୍ୟରେ ଓଡ଼ିଶା ପାଠ୍ୟକ୍ରମ ରୂପରେଖ - ୨୦୨୫ ଅନୁଯାୟୀ ନୂତନ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି ।

DRAFT

ଏନ୍‌ସିଇଆରଟି, ନୂଆଦିଲ୍ଲୀ ଦ୍ୱାରା ପ୍ରସ୍ତୁତ ପାଠ୍ୟ ପୁସ୍ତକଗୁଡ଼ିକୁ ଆମ ରାଜ୍ୟରେ ଓଡ଼ିଆ ଭାଷାରେ ଅନୁବାଦ କରିବା ସହିତ ଏଥିରେ ସ୍ଥାନୀୟ ଉଦାହରଣସବୁ ଯୋଡ଼ାଯାଇଛି । ଏଥିସହିତ ରାଜ୍ୟର ଭାଷା, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭୌଗୋଳିକ ସ୍ଥିତି, ଆଦି ଦୃଷ୍ଟିରୁ ମଧ୍ୟ ପ୍ରାସଙ୍ଗିକ କରାଯାଇଛି । ପାଠ୍ୟପୁସ୍ତକକୁ ଦକ୍ଷତାଭିତ୍ତିକ କରାଯିବା ସହିତ ପିଲାମାନଙ୍କ ପାଇଁ ସରଳ ଓ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଛି । ପିଲାମାନଙ୍କର ସ୍ଥାନୀୟ ପରମ୍ପରା, ସଂସ୍କୃତି, ପର୍ବପର୍ବାଣୀ, ଖାଦ୍ୟ, ନଦୀ, ପର୍ବତ, ଗଛ-ଲତା, ଆଦି ପ୍ରସଙ୍ଗଗୁଡ଼ିକରେ ପ୍ରତିଫଳିତ ହୋଇଛି । ଏହା ନିଶ୍ଚିତ ଭାବରେ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଏବଂ ଆନନ୍ଦଦାୟକ ହେବ । ପିଲାମାନଙ୍କ ଚିନ୍ତନ ଦକ୍ଷତା ଓ ଜିଜ୍ଞାସୁ ମନୋଭାବର ବିକାଶ ପାଇଁ ପାଠ୍ୟପୁସ୍ତକରେ ଅନେକ କାର୍ଯ୍ୟ ଦିଆଯାଇଛି । ଏଥିସହିତ ପିଲାମାନେ ପାଠ୍ୟପୁସ୍ତକରେ ଥିବା ଦକ୍ଷତାଗୁଡ଼ିକ ହାସଲ କରିପାରିଲେ କି ନାହିଁ ଜାଣିବା ପାଇଁ ପ୍ରତ୍ୟେକ ପାଠରେ ଅଭ୍ୟାସ କାର୍ଯ୍ୟ ସ୍ଥାନିତ ହୋଇଛି ।

ନୂତନ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରସ୍ତୁତ କରିଥିବା ଏନ୍‌ସିଇଆରଟି, ନୂଆଦିଲ୍ଲୀର ସମସ୍ତ ଶିକ୍ଷାବିତଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜଣାଉଛି । ଏଥିସହିତ ଆମ ରାଜ୍ୟରେ ପାଠ୍ୟପୁସ୍ତକଗୁଡ଼ିକୁ ଅନୁବାଦ ଓ ପ୍ରାସଙ୍ଗିକ କରିଥିବା ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଏବଂ ପରାମର୍ଶକୁ ଅପେକ୍ଷା କରିବି ।

ନିର୍ଦ୍ଦେଶକ

**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ**
**ରାଜ୍ୟ ଶିକ୍ଷା ଗବେଷଣା ଓ**
**ପ୍ରଶିକ୍ଷଣ ପରିଷଦ ଓଡ଼ିଶା , ଭୁବନେଶ୍ୱର**

DRAFT

# ପୁସ୍ତକ ବିଷୟରେ

ଜାତୀୟ ଶିକ୍ଷାନୀତି- ୨ ୦ ୨ ୦ ରେ ଏହା ଉପରେ ଗୁରୁତ୍ୱ ଦିଆଯାଇଛି ଯେ, ବିକାଶର ମୌଳିକ ପର୍ଯ୍ୟାୟ (୩ ରୁ ୮ ବର୍ଷ ବୟସ)ର ପିଲାମାନଙ୍କର ଦୃଢ଼ ମୂଳଦୁଆର ବିକାଶ ପାଇଁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଗୁରୁତ୍ୱପୂର୍ଣ୍ଣ । ନୀତିର ଏହି ଦୃଷ୍ଟିକୋଣକୁ ଆଖି ଆଗରେ ରଖି ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ଆଧାରର ପାଠ୍ୟକ୍ରମର ଲକ୍ଷ୍ୟ, ଦକ୍ଷତା ଏବଂ ଶିକ୍ଷଣ ଫଳାଫଳକୁ ପିଲାମାନଙ୍କର ଶାରୀରିକ, ବୌଦ୍ଧିକ, ସାମାଜିକ-ଆବେଗିକ-ନୈତିକ, ଭାଷା ଓ ସାକ୍ଷରତା, କଳା-ସୌନ୍ଦର୍ଯ୍ୟ ବୋଧ, ସାଂସ୍କୃତିକ ତଥା ସକରାତ୍ମକ ଶିକ୍ଷଣ ଅଭ୍ୟାସର ବିକାଶ ପାଇଁ ସୁପାରିଶ କରିଛି । ଏହି ଆଧାରରେ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏକ ପାଠ୍ୟ ଖସଡା ପ୍ରସ୍ତୁତ କରିଛି, ଯେଉଁଥିରେ ଗଣିତ ଓ ସଂଖ୍ୟାଜ୍ଞାନକୁ ବୌଦ୍ଧିକ ବିକାଶର ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏଥି ସହିତ ଗଣିତ ପାଇଁ ପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ପ୍ରସ୍ତୁତ ସମୟରେ ଅନ୍ୟ ପରିସର ଗୁଡ଼ିକର ସମନ୍ୱିତକରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

ପ୍ରଥମ ଶ୍ରେଣୀ ପାଇଁ ଗଣିତ ପାଠ୍ୟ ପୁସ୍ତକ- "ଗଣିତ ଖେଳ", ଜାତୀୟ ଶିକ୍ଷାନୀତି- ୨ ୦ ୨ ୦ ଓ ଜାତୀୟ ପାଠ୍ୟକ୍ରମ ଆଧାର-ମୌଳିକ ପର୍ଯ୍ୟାୟ ଆଧାରିତ ପାଠ୍ୟ ଖସଡ଼ାର ସୁପାରିଶ ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ଯଦିଓ ପ୍ରଥମ ଶ୍ରେଣୀକୁ ଆସିବା ପୂର୍ବରୁ ପିଲାମାନେ ତିନି ବର୍ଷର ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସମାପ୍ତି କରିଥିବେ ବୋଲି ଆଶା କରାଯାଏ, ତଥାପି ଆମ ରାଜ୍ୟରେ ଏପରି କିଛି ପିଲା ଅଛନ୍ତି ଯେଉଁମାନେ ୬ବର୍ଷ ବେଳକୁ ସିଧା ସଳଖ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ଶ୍ରେଣୀର ନାମ ଲେଖାଇଥାନ୍ତି ଓ ପ୍ରଥମଥର ପାଇଁ ଗାଣିତିକ ଧାରଣା ସଂସ୍ପର୍ଶରେ ଆସିଥାନ୍ତି । ଏହିଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି ।

ଏହି ପର୍ଯ୍ୟାୟର ପିଲାମାନେ ସାଧାରଣତଃ ମୁକ୍ତ କ୍ରୀଡ଼ା, ଖେଳଣା ଓ ଖେଳିବାକୁ ଭଲ ପାଇଥାନ୍ତି । ସେଥିପାଇଁ ଏହି ପୁସ୍ତକରେ ବିଭିନ୍ନ ଗାଣିତିକ ଧାରଣା ଯଥା-ସ୍ଥାନିକ ବୋଧ, ସଂଖ୍ୟା ପରିଚାଳନା, ଗାଣିତିକ ଚିନ୍ତା ଓ ହିସାବ କିତାବ ଇତ୍ୟାଦିର ବିକାଶ ପାଇଁ କ୍ରୀଡ଼ା ଭିତ୍ତିକ ଶିକ୍ଷଣକାର୍ଯ୍ୟର ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇଛି । ଏଗୁଡ଼ିକୁ ପ୍ରତ୍ୟେକ ନୂତନ ଧାରଣା ଓ ଦକ୍ଷତା ଶିକ୍ଷଣ ପାଇଁ ସ୍ଥୂଳ ପର୍ଯ୍ୟାୟରୁ ଚିତ୍ରିତ ଉପସ୍ଥାପନା ଏବଂ ଅମୂର୍ତ୍ତ ଚିନ୍ତନ ଆଡ଼କୁ ଅଗ୍ରସର ହେବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ ।

ଶିକ୍ଷାର୍ଥୀର ସାମଗ୍ରିକ ବିକାଶ ପାଇଁ ଅଭିଜ୍ଞତା-ଭିତ୍ତିକ ଶିକ୍ଷଣର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ଶ୍ରେଣୀ ପାଇଁ ଗଣିତ ଖେଳ ପାଠ୍ୟପୁସ୍ତକରେ ଅନେକଗୁଡ଼ିଏ ଶିକ୍ଷଣ କାର୍ଯ୍ୟ ଦିଆଯାଇଛି, ଯେଉଁଗୁଡ଼ିକ ଶ୍ରେଣୀଗୃହ ଭିତରେ ଓ ବାହାରେ ସଂଗଠିତ କରାଯାଇପାରିବ । ପ୍ରତ୍ୟେକ ପାଠରେ ଖେଳଭିତ୍ତିକ ଶିକ୍ଷଣକାର୍ଯ୍ୟ ମାଧ୍ୟମରେ ଗାଣିତିକ ବୋଧଗମ୍ୟତା ବିକାଶ ପାଇଁ ଗୁରୁତ୍ୱ ଦିଆଯାଇଛି । ଶିକ୍ଷାର୍ଥୀମାନଙ୍କୁ ବିନା ଆନନ୍ଦରେ ଗଣିତ ଶିଖିବାକୁ ବାଧ୍ୟ କରିବା ପରିବର୍ତ୍ତେ ସେମାନଙ୍କୁ ଖେଳି ଖେଳି ଗଣିତ ଶିଖିବାର ଅନୁଭୂତି ପ୍ରଦାନ କରିବାକୁ ଏହି ପୁସ୍ତକରେ ପ୍ରଚେଷ୍ଟା କରାଯାଇଛି ।

ଏହି ପୁସ୍ତକରେ ଭାଷା ଓ ବୟସ ଉପଯୋଗୀ ଶାରୀରିକ ଓ ମାନସିକ ବିକାଶର ଶିକ୍ଷଣକୁ ଗଣିତ ଶିକ୍ଷଣ ସହ ସମନ୍ୱିତ କରାଯାଇଛି, କାରଣ ଗଣିତ ଶିକ୍ଷଣ ପୃଥକ ଭାବେ ସମ୍ପାଦିତ ହୋଇନଥାଏ । ବିଭିନ୍ନ ଚିନ୍ତନ ମୂଳକ ପ୍ରଶ୍ନ, ଗପ, ଗୀତ ଇତ୍ୟାଦି

DRAFT

ମାଧ୍ୟମରେ ପିତା-ମାତା, ଶିକ୍ଷକ ଓ ଅନ୍ୟାନ୍ୟ ବୟସ୍କ ବ୍ୟକ୍ତି ଯଥା ବଡ଼ ଭାଇ-ଭଉଣୀଙ୍କୁ ପିଲାମାନଙ୍କ ସହ ଆଲୋଚନା କରିବାକୁ ଏହି ପୁସ୍ତକରେ ପରାମର୍ଶ ଦିଆଯାଇଛି ।

ଏହି ପର୍ଯ୍ୟାୟରେ ପିଲାମାନଙ୍କର ଶବ୍ଦ ପଢ଼ିବା ସାମର୍ଥ୍ୟ ଭିନ୍ନତାକୁ ଦୃଷ୍ଟିରେ ରଖି ବିଭିନ୍ନ ଗାଣିତିକ ଧାରଣାଗୁଡ଼ିକୁ ପ୍ରାସଙ୍ଗିକ ତଥା ସ୍ୱ-ବ୍ୟାଖ୍ୟାକାରୀ ଚିତ୍ର ମାଧ୍ୟମରେ ଉପସ୍ଥାପନ କରାଯାଇଛି । ଅଧିକନ୍ତୁ ଏହି ଚିତ୍ରଗୁଡ଼ିକ ପିଲାମାନଙ୍କୁ ସେମାନଙ୍କର ଦୃଶ୍ୟ ଓ ପଠନ ବୋଧଗମ୍ୟତା ଅଭିବୃଦ୍ଧିରେ ସାହାଯ୍ୟ କରିବ ।

ଏହା ଏକ ପାଠ୍ୟପୁସ୍ତକ ତଥା କାର୍ଯ୍ୟପୁସ୍ତିକା, ଯେଉଁଥିରେ ପିଲାମାନଙ୍କ ପାଇଁ ଚିତ୍ର ଆଙ୍କିବା, ରଙ୍ଗ ଦେବା, ଲେଖିବା ଭଳି କାର୍ଯ୍ୟ ଦିଆଯାଇଛି । ପିଲାମାନେ ସେମାନଙ୍କର ଚିନ୍ତନର ପରିପ୍ରକାଶ କରିବା ପାଇଁ ପ୍ରତି ଅଧ୍ୟାୟରେ ସେମାନଙ୍କ ସହିତ ମୌଖିକ ଆଲୋଚନାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହା ମଧ୍ୟ ଶିକ୍ଷକମାନଙ୍କୁ ଭୟଶୂନ୍ୟ ପରିବେଶରେ ପିଲାମାନଙ୍କର ଶିକ୍ଷଣର ନିରନ୍ତର ମାନନିର୍ଦ୍ଧାରଣ କରିବାରେ ସହାୟକ ହେବ । ବିଭିନ୍ନ ପ୍ରକାରର ପ୍ରଶ୍ନ ଓ ଶିକ୍ଷଣ କାର୍ଯ୍ୟ ମାଧ୍ୟମରେ ଚିନ୍ତନମୂଳକ ଅଭ୍ୟାସ କାର୍ଯ୍ୟଗୁଡ଼ିକ ଦିଆଯାଇଛି । ଏହା ଆଶା କରାଯାଏ ଯେ, ଶିକ୍ଷକ ଓ ଅଭିଭାବକମାନେ ଏହିଭଳି ଅଧିକରୁ ଅଧିକ ପ୍ରଶ୍ନ ପ୍ରସ୍ତୁତ କରି ପିଲାମାନଙ୍କୁ ପଚାରିବେ, ଯଦ୍ୱାରା ଅଧିକ ଅଭ୍ୟାସ କରି ସେମାନେ ଈପ୍ସିତ ଦକ୍ଷତାଗୁଡ଼ିକୁ ହାସଲ କରିପାରିବେ । ପ୍ରଥମ ଶ୍ରେଣୀ ପିଲାମାନଙ୍କ ପାଇଁ ଗଣିତ ଶିକ୍ଷଣକୁ ଆନନ୍ଦଦାୟୀ କରିବାରେ ନିଶ୍ଚିତ କରିବାକୁ ଶିକ୍ଷକ ଓ ଅଭିଭାବକମାନେ ଏହି ପୁସ୍ତକର ଅଭିନବ ବ୍ୟବହାର କରିବା ଦରକାର ।

ବିଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟ, ମୁକ୍ତ ଉତ୍ତର ମୂଳକ ପ୍ରଶ୍ନ, ଅନୁସନ୍ଧାନ ଓ ଆଲୋଚନା ମାଧ୍ୟମରେ ଯୁକ୍ତିଯୁକ୍ତ ଚିନ୍ତନ, ବିଶ୍ଳେଷଣାତ୍ମକ କୌଶଳ, ଗାଣିତିକ ଭାବ ପ୍ରକାଶ ଏବଂ ଏକବିଂଶ ଶତାବ୍ଦୀର କୌଶଳଗୁଡ଼ିକର ବିକାଶ କରିବା ପାଇଁ ଏକ ପ୍ରାରମ୍ଭିକ ପ୍ରଚେଷ୍ଟା କରାଯାଇଛି । ଧାରଣାଗତ ବୋଧଗମ୍ୟତା, ପ୍ରକ୍ରିୟାଗତ ଦକ୍ଷତା, ଯୁକ୍ତି-ଯୁକ୍ତ ଉପସ୍ଥାପନର ଦକ୍ଷତା ଓ ଗଣିତ ପ୍ରତି ସକରାତ୍ମକ ମନୋଭାବ ପ୍ରଦର୍ଶନ ଆଧାରରେ ଗାଣିତିକ ଦକ୍ଷତାର ପ୍ରାରମ୍ଭିକ ବିକାଶ ପାଇଁ ପ୍ରତି ଅଧ୍ୟାୟରେ ସୁଯୋଗ ରହିଛି ।

ଜାତୀୟ ପାଠକ୍ରମ ଆଧାର-ମୌଳିକ ପର୍ଯ୍ୟାୟ ୨୦୨୨ ରେ ପ୍ରସ୍ତାବିତ ଗଣିତ ଶିକ୍ଷାଦାନର ଚାରିଖଣ୍ଡିୟ ପନ୍ଥାକୁ ଆଧାର କରି 'ଗଣିତ ଖେଳ' ପୁସ୍ତକ ପ୍ରସ୍ତୁତ କରାଯାଇଛି, ସେଗୁଡ଼ିକ ହେଲା ମୌଖିକ ଗାଣିତିକ କଥାବାର୍ତ୍ତା, କୌଶଳ ଶିକ୍ଷାଦାନ, କୌଶଳର ଅଭ୍ୟାସ ଓ ଗାଣିତିକ ଖେଳ । ସେଗୁଡ଼ିକୁ ପ୍ରତ୍ୟେକ ଅଧ୍ୟାୟରେ ସନ୍ନିବେଶିତ କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶକୁ ସମନ୍ୱିତ ଢଙ୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ତଥାପି ନିମ୍ନଲିଖିତ ଅଧ୍ୟାୟଗୁଡ଼ିକ କେବଳ ପାଠ୍ୟକ୍ରମ ଲକ୍ଷ୍ୟ (CG-8) ର ଗାଣିତିକ ବୋଧ ଓ ସାମର୍ଥ୍ୟର ବିକାଶ କରେ, ଯେଉଁଥିରେ ଶିକ୍ଷାର୍ଥୀ ପରିମାଣ, ଆକୃତି, ମାପ ସମ୍ବନ୍ଧୀୟ ଧାରଣାକୁ ଚିହ୍ନଟ କରିପାରିବ ତାହା ନୁହେଁ, ବରଂ NCF-FS ୨୦୨୦ ଓ ପାଠ୍ୟ ଖସଡ଼ାରେ ଦିଆଯାଇଥିବା ଅନ୍ୟ ସମସ୍ତ ପାଠ୍ୟକ୍ରମ ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥାଏ । ଏହା ଶିଶୁକୁ ସାମଗ୍ରିକ ବିକାଶ ଆଡ଼କୁ ଅଗ୍ରସର କରାଇଥାଏ ।

**ମୌଖିକ ଗାଣିତିକ କଥାବାର୍ତ୍ତା** - ପାଠ-୧ ରେ ଥିବା ଗାଣିତିକ କବିତା 'ଛୁକ୍-ଛୁକ୍ ଚାଲେ ରେଳଗାଡ଼ି' ଏବଂ ପାଠ-୫ରେ ଥିବା 'ପାଞ୍ଚଟି ଛୋଟ ପିଲା' ଓ ଚିତ୍ରରେ ଗପଦ୍ୱାରା ଧାରଣା ସହ ପରିଚିତି, ଅଭ୍ୟାସ ଓ ମାନନିର୍ଦ୍ଧାରଣକୁ ଅନ୍ତର୍ଭୁକ୍ତ କରାଯାଇଛି । ଯେପରି ପାଠ-୨ରେ 'ଚତୁରୀ ଆଈ', ପାଠ-୩ ରେ 'ଆମ୍ଭ ଭୋଜି', ପାଠ-୪ରେ 'ଉଡେଇ ଯାଇଥିବା

ବୋତାମ', ପାଠ-୫ରେ 'ଜେଜେବାପାଙ୍କ ସହ ବୁଲିବାକୁ ଯିବା', ପାଠ-୯ରେ 'ଆମ ପର୍ବପର୍ବାଣୀ' ପାଠ-୧୦ରେ 'ମୋର ଗୋଟିଏ ଦିବସ'ର କାମରେ ଏହା ଲକ୍ଷ୍ୟ କରାଯାଇପାରିବ ।

**କୌଶଳ ଶିକ୍ଷାଦାନ** – ପ୍ରତ୍ୟେକ ଅଧ୍ୟାୟରେ ଶିକ୍ଷଣକାର୍ଯ୍ୟ ଦିଆଯାଇଛି, ଯେଉଁଗୁଡ଼ିକ ବ୍ୟକ୍ତିଗତ ଭାବରେ, ଦଳରେ ବା ବୟସ୍କ (ପିତା-ମାତା, ଶିକ୍ଷକ ଓ ଭାଇ-ଭଉଣୀ)ଙ୍କ ସହାୟତାରେ ସମ୍ପାଦିତ ହେବ । ଅନ୍ୟମାନଙ୍କର ମାର୍ଗଦର୍ଶନରେ ବିଭିନ୍ନ ଗାଣିତିକ କୌଶଳ ବିକାଶରେ ଏହା ସହାୟକ ହୋଇପାରିବ ।

**କୌଶଳର ଅଭ୍ୟାସ** – ଗାଣିତିକ କୌଶଳ ଗୁଡ଼ିକର ବିକାଶ ନିମନ୍ତେ ପ୍ରତ୍ୟେକ ଅଧ୍ୟାୟରେ ସୁଯୋଗ ସୃଷ୍ଟି କରାଯାଇଛି । ଆସ କରିବା, ପ୍ରକଳ୍ପ କାର୍ଯ୍ୟ ଓ ଅଭ୍ୟାସ ପ୍ରଶ୍ନାବଳୀ ମାଧ୍ୟମରେ ଏହା ହୋଇପାରିବ ।

**ଗାଣିତିକ ଖେଳ**– ପାଠ୍ୟ ପୁସ୍ତକର ପ୍ରତ୍ୟେକ ଅଧ୍ୟାୟର ଗାଣିତିକ ଖେଳ ଓ କାର୍ଯ୍ୟଗୁଡ଼ିକ ପରସ୍ପର ସହିତ ସମ୍ପର୍କିତ ।

ପିଲାମାନଙ୍କଠାରେ ପରିବେଶ ପ୍ରତି ସମ୍ବେଦନଶୀଳତା, ମୂଲ୍ୟବୋଧ, ସକରାତ୍ମକ ଅଭ୍ୟାସ, ସାଂସ୍କୃତିକ ଭିତ୍ତିଭୂମି, ସମାବେଶୀ ଦୃଷ୍ଟିକୋଣର ବିକାଶର ଆବଶ୍ୟକତାକୁ ଧ୍ୟାନ ଦେଇ ଏହି ପାଠଗୁଡ଼ିକ ପ୍ରସ୍ତୁତ କରାଯାଇଛି । ଏଥିରେ ମଧ୍ୟ ବହୁଭାଷୀ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଅଛି । ସମଗ୍ର ପାଠ୍ୟପୁସ୍ତକରେ ଦିଆଯାଇଥିବା କାର୍ଯ୍ୟରେ ପିଲାମାନେ ସମ୍ପୃକ୍ତ ହେବାଦ୍ୱାରା ସେମାନଙ୍କର ଭାଷାଗତ ବିକାଶ ହୋଇପାରିବ, ଯାହା ପିଲାମାନଙ୍କୁ ଆନନ୍ଦରେ ଶିଖିବାକୁ ଆଗ୍ରହ ସୃଷ୍ଟି କରିବ ।

ପ୍ରତି ପାଠର ଉଦ୍ଦେଶ୍ୟ, ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟ, ପାଠ୍ୟକ୍ରମର ଲକ୍ଷ୍ୟ ଓ ଦକ୍ଷତା ସହ ସେଗୁଡ଼ିକର ଶ୍ରେଣୀବଦ୍ଧତାକୁ ଶିକ୍ଷକମାନେ ବୁଝିବା ଦରକାର, ଯେହେତୁ ସେଗୁଡ଼ିକୁ ମୌଳିକ ପର୍ଯ୍ୟାୟର ପାଠ୍ୟଖସଡ଼ାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହାକୁ ଭିତ୍ତି କରି ସେମାନେ ପିଲାମାନଙ୍କ ପାଇଁ ଶିକ୍ଷଣ ଯୋଜନା ପ୍ରସ୍ତୁତ କରିବେ, ଯେଉଁଥିରେ ଭିନ୍ନ ଭିନ୍ନ ଆବଶ୍ୟକତା ବିଶିଷ୍ଟ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ପରିପୂରଣ ପାଇଁ ଭିନ୍ନ ଭିନ୍ନ ଶିକ୍ଷଣକାର୍ଯ୍ୟ ରହିବ । ଏହି ଶିକ୍ଷଣ ଯୋଜନାରେ ଶିକ୍ଷକମାନେ ସକ୍ରିୟ ପର୍ଯ୍ୟବେକ୍ଷକ ହେବା ଆବଶ୍ୟକ, ଯେଉଁଥିରେ ଶିକ୍ଷକ, ପିଲାମାନେ ହାସଲ କରିଥିବା ଶିକ୍ଷଣ ଫଳାଫଳଗୁଡ଼ିକୁ ଓ ବିଭିନ୍ନ ପାଠ୍ୟକ୍ରମ ଲକ୍ଷ୍ୟ ଅନ୍ତର୍ଗତ ଦକ୍ଷତାଗୁଡ଼ିକୁ କିପରି ହାସଲ କରୁଛନ୍ତି ତାହା ଲକ୍ଷ୍ୟ କରିବେ । ପ୍ରତ୍ୟେକ ଅଧ୍ୟାୟରେ ଥିବା ଶିକ୍ଷଣ ଫଳାଫଳ ଓ ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ବୁଝିବା ଓ ସେଗୁଡ଼ିକୁ ସଂଗଠିତ କରିବା ଶିକ୍ଷକଙ୍କ ପାଇଁ ଆବଶ୍ୟକ । ଏହା ପ୍ରକୃତ ପକ୍ଷେ, ଆମ ଶିକ୍ଷା ବ୍ୟବସ୍ଥାକୁ ଦକ୍ଷତା ଭିତ୍ତିକ କରିପାରିବ ।

ପାଠ୍ୟକ୍ରମରେ ଦିଆଯାଇଥିବା ଶିକ୍ଷଣ କାର୍ଯ୍ୟଗୁଡ଼ିକ ପରାମର୍ଶ ଦାୟକ । ଶିକ୍ଷକମାନେ ସେମାନଙ୍କ ନିଜସ୍ୱ ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତ କରିପାରିବେ ଓ ସେଗୁଡ଼ିକୁ ସ୍ଥାନୀୟ ଖେଳଣା, ଖେଳ, ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଖେଳଣା ଓ ପିଲାର ନିକଟ ପରିବେଶରେ ଉପଲବ୍ଧ ସାମଗ୍ରୀ ବ୍ୟବହାର କରି ପିଲାମାନଙ୍କ ଦ୍ୱାରା କାର୍ଯ୍ୟ କରାଇପାରିବେ । ଶିକ୍ଷକମାନେ ସେମାନଙ୍କର ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ଗ୍ରହଣ, ଅନୁକୂଳନ ଓ ପରିବର୍ତ୍ତନ କରିପାରିବେ, ଯେପରି ଏହି ପର୍ଯ୍ୟାୟ ପାଇଁ ସ୍ଥିରୀକୃତ ଦକ୍ଷତା ବିକାଶର ଲକ୍ଷ୍ୟକୁ ଏହା ପଥଭ୍ରଷ୍ଟ କରାଇବ ନାହିଁ ।

ମାନସିକ ଆହ୍ୱାନ ସୃଷ୍ଟି କରୁଥିବା କାର୍ଯ୍ୟ ଓ ଚିନ୍ତନକୁ ପ୍ରୋତ୍ସାହିତ କରୁଥିବା କାର୍ଯ୍ୟରେ ସମ୍ପୃକ୍ତ ହେଲେ ଉତ୍ତମ ଗାଣିତିକ ଶିକ୍ଷା ଓ ଜଟିଳ ଚିନ୍ତନ ଦକ୍ଷତାର ବିକାଶ ହୋଇଥାଏ । ବୁଦ୍ଧି ଖେଳ, ଗାଣିତିକ ଧନ୍ଦା ଭଳି କାର୍ଯ୍ୟ ପିଲାମାନଙ୍କୁ ସେମାନଙ୍କର ନିୟମିତ

କାର୍ଯ୍ୟ ବାହାରେ ଅଧିକ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥାଏ । ଏହି ପୁସ୍ତକରେ ଅନେକ ବୟସ ଉପଯୋଗୀ ଧନ୍ଦା ଦିଆଯାଇଛି । ଏହି ଗାଣିତିକ ଧନ୍ଦାଗୁଡ଼ିକର ସମାଧାନ ପାଇଁ ଅତି କମରେ ଗୋଟିଏ ସପ୍ତାହ ଧରି ପିଲାମାନଙ୍କୁ ନେଇ କାର୍ଯ୍ୟ କରାଯାଇପାରିବ । କେତେକ ସମସ୍ୟାର ଏକାଧିକ ଠିକ ଉତ୍ତର ଥାଇପାରେ । ପୁନଶ୍ଚ ଏହି ଗାଣିତିକ ଧନ୍ଦାଗୁଡ଼ିକ ପିଲାମାନଙ୍କ ପାଇଁ ଆନନ୍ଦଦାୟୀ ଅଭିଜ୍ଞତା ପ୍ରଦାନ କରିଥାଏ । ତେଣୁ ଏହି ଧନ୍ଦାଗୁଡ଼ିକର ସମାଧାନକୁ ନେଇ ପିଲାମାନଙ୍କର ମାନନିର୍ଦ୍ଧାରଣ କରାଯିବା ଉଚିତ୍ ନୁହେଁ ।

ଏହି ପୁସ୍ତକର ପାଠଗୁଡ଼ିକର ସହାୟତା ନିମନ୍ତେ ଶ୍ରାବ୍ୟ-ଭିଡ଼ିଓ ଉପକରଣ, **e-ବିଷୟବସ୍ତୁ**, QR Code ରେ ଉପଲବ୍ଧ ସାମଗ୍ରୀ, ଅନ୍ୟାନ୍ୟ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ (ଏନ୍‌ସିଇଆରଟି ଦ୍ୱାରା ପ୍ରସ୍ତୁତ କିଟ୍) ଉପଲବ୍ଧ ହେବା ଆବଶ୍ୟକ ।

ଏହି ପାଠ୍ୟ ପୁସ୍ତକ ଶିକ୍ଷଣର ଏକମାତ୍ର ଉତ୍ସ ନୁହେ । ପିଲାମାନେ ପରିବେଶକୁ ପର୍ଯ୍ୟବେକ୍ଷଣ କରି ସହପାଠୀ ଓ ବୟସ୍କ ମାନଙ୍କ ସହ କଥାବାର୍ତ୍ତା କରି, ନିଜ ଇଚ୍ଛା ମୁତାବକ ସାମଗ୍ରୀ ପ୍ରସ୍ତୁତ କରି, ଟିଭି ଦେଖି, ମୋବାଇଲ ଓ କମ୍ପ୍ୟୁଟର ସହ ଖେଳି, ଗପ ଓ ଗୀତ ଶୁଣି, ପ୍ରକଳ୍ପ କାର୍ଯ୍ୟ କରି, ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ପରିଭ୍ରମଣ କରି ଅନେକ କଥା ଶିଖିଥାନ୍ତି । ତେଣୁ, ଆମେ ପିତା ମାତା ଓ ଶିକ୍ଷକମାନେ ଏହାକୁ ଗୁରୁତ୍ୱଦେବା ଆବଶ୍ୟକ ଯେ, ପାଠ୍ୟପୁସ୍ତକ ବାହାରକୁ ଯାଇ ଶିକ୍ଷଣ ହୋଇପାରିବ ଓ ଏହି ପର୍ଯ୍ୟାୟ ପାଇଁ ଉଦ୍ଦିଷ୍ଟ ଦକ୍ଷତା ଓ ପାଠ୍ୟକ୍ରମ ଲକ୍ଷ୍ୟ ସହ ଏଗୁଡ଼ିକୁ ସମ୍ପର୍କିତ କରାଯାଇପାରିବ । ଆମ ପିଲାମାନଙ୍କର ଶିକ୍ଷାକୁ ଆମର ସାମୁହିକ ଦାୟିତ୍ୱ ଭାବେ ବିବେଚନା କରାଯିବା ଜରୁରୀ ।

DRAFT

# ସିଲାବସ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।




କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)


DRAFT

# ସୂଚୀ ପତ୍ର


ପ୍ରସ୍ତାବନା
ପୁସ୍ତକ ବିଷୟରେ


| ପାଠ | ପାଠର ନାମ | ପୃଷ୍ଠା |
|---|---|---|
| ୧. | ଚୁଲ୍‌ବୁଲି ବିଲେଇକୁ ଖୋଜିବା (ପ୍ରାକ୍-ଗଣନ ଧାରଣା)  | ୧ |
| ୨. |  କେଉଁଟି ଲମ୍ବା ? କେଉଁଟି ଗୋଲ ? (ଆକୃତି) | ୧୦ |
| ୩. | ଆମ୍ବ ଭୋଜି (ସଂଖ୍ୟା ୧ ରୁ ୯)  | ୧୮ |
| ୪. |  ଆସ, ୧୦ ତିଆରି କରିବା (ସଂଖ୍ୟା ୧୦ ରୁ ୨୦) | ୩୩ |
| ୫. | ସଂଖ୍ୟାଟି କେତେ<br>(ଏକ ଅଙ୍କବିଶିଷ୍ଟ ସଂଖ୍ୟାର ଯୋଗ ଓ ବିୟୋଗ)  | ୪୮ |
| ୬. |  ପନିପରିବା ବଗିଚା (୨୦ ମଧ୍ୟରେ ମିଶାଣ ଓ ଫେଡ଼ାଣ) | ୬୪ |
| ୭. | ଲୀନାର ପରିବାର (ମାପ)  | ୭୨ |


DRAFT

୮.  ସଂଖ୍ୟାର ମଜା (ସଂଖ୍ୟା ୨୧ ରୁ ୯୯) ୮୪


୯. ଆମ ପର୍ବପର୍ବାଣୀ (ସଂରଚନା)  ୯୮

୧୦.  ମୋର ଗୋଟିଏ ଦିବସର କାମ (ସମୟ) ୧୦୫

୧୧. କେତେ ଥର ମିଶିଲା ? (ଗୁଣନ)  ୧୧୧

୧୨.  ଆସ କିଣାବିକା କରିବା (ଟଙ୍କା) ୧୧୫

୧୩. ବାଃ, ଏତେଗୁଡ଼ିଏ ଖେଳଣା (ତଥ୍ୟ ପରିଚାଳନା)  ୧୨୦

 ଗାଣିତିକ ଧନ୍ଦା ୧୨୨


DRAFT

# ୧ ଚୁଲ୍‌ବୁଲି ବିଲେଇକୁ ଖୋଜିବା



ଚୁଲ୍‌ବୁଲି ବିଲେଇ କେଉଁଠି ଅଛି ? ଆସ, ଖୋଜିବା


















ଆସ, ଆସ, ଆସ ।
ମୋ ଚୁଲ୍‌ବୁଲି ବିଲେଇ ମୋ ପାଖକୁ ଆସ ।
ଟୋପି **ଉପରେ** ତୁମକୁ ଡେଇଁବାର ଦେଖିଛି ।
ମଶିଣା **ତଳେ** ତୁମେ ଲୁଚିଥିବାର ମୁଁ ଦେଖିଛି ।
ହେ ମୋର ଚୁଲ୍‌ବୁଲି ବିଲେଇ,
ମୋ ପାଖକୁ ଆସ ।

ପାଠଟିକୁ ସ୍ପଷ୍ଟଭାବେ ରହି ରହି ପଢ଼ି ପିଲାଙ୍କୁ ଶୁଣାନ୍ତୁ । ପିଲାମାନେ ଚିତ୍ର ଦେଖିବେ । ପିଲାମାନେ ଏହି ଗପଟିକୁ ଶୁଣିବେ, କହିବେ ଓ ଅଭିନୟ କରିବେ । ପିଲାମାନେ ଚିତ୍ରଗୁଡ଼ିକୁ ଲକ୍ଷ୍ୟକରି ସେଥିରେ କେଉଁ କେଉଁ ଜିନିଷ ଅଛି, ତାହା କହିବେ ।



## ପାଠରେ ଥିବା ଚିତ୍ରଗୁଡ଼ିକୁ ଦେଖ ଏବଂ ଠିକ ଶବ୍ଦରେ ଗୋଲ ବୁଲାଅ ।

(୧) ନାଲି ବଲ୍‌ଟି ଖଟ **ଉପରେ** / **ଖଟତଳେ** / ଖଟ**ପାଖରେ** ଅଛି ।

(୨) ବିଲେଇଟି କାର୍ **ଭିତରେ** / **ବାହାରେ** / **ଉପରେ** ଅଛି ।

(୩) ଲୋକଟି **ଗଛ ତଳେ** / **ଗଛରେ** / **ଗଛଠାରୁ ଦୂରରେ** ଶୋଇଛି ।

(୪) ଗାଈଟି ଘର **ଭିତରେ** / **ଉପରେ** / **ବାହାରେ** ଅଛି ।



## ଚିନ୍ତା କର ଓ କହ

(୧) ତୁମ ଜୋତାକୁ ତୁମେ କେଉଁଠାରେ ରଖ ? ଘର ଭିତରେ / ବାହାରେ ।

(୨) ତୁମେ ଅଳିଆ କେଉଁଠାରେ ପକାଅ ? ଅଳିଆ କୁଣ୍ଡ ଭିତରେ / ବାହାରେ ।



## ଆସ ଖେଳିବା - ଜିନିଷଗୁଡ଼ିକୁ ଖୋଜିବା

ପିଲାମାନେ ଦୁଇଦଳରେ ଭାଗ ହେବେ । ଗୋଟିଏ ଦଳ କିଛି ଜିନିଷକୁ ଲୁଚାଇବେ, ଯେପରି-ଧଳା ଚକ୍, ନାଳି ବଲ୍ ଓ ଅନ୍ୟ କିଛି ଜିନିଷ । ଅନ୍ୟଦଳ ସେଗୁଡ଼ିକୁ ଖୋଜିବେ । ଭିତର / ବାହାର / ପାଖ / ଦୂର /ଉପର/ ତଳ ଭଳି ସ୍ଥାନିକ ଧାରଣା ସମ୍ବନ୍ଧୀୟ ଶବ୍ଦ ବ୍ୟବହାର କରି ଜିନିଷଗୁଡ଼ିକୁ ଖୋଜିବାକୁ ମୌଖିକ ସୂଚନା ଅନ୍ୟ ଦଳକୁ ଦେବେ ।ଯେପରି-



ଧଳା ରଙ୍ଗର ଜିନିଷଟିକୁ ଖୋଜ, ଯାହା କଳାପଟା **ପାଖରେ** ଓ ଟେବୁଲ **ତଳେ** ଅଛି ।

ନାଲିରଙ୍ଗର ଜିନଷକୁ ଖୋଜ, ଯାହା ଶ୍ରେଣୀ କୋଠରି **ବାହାରେ** ଓ ଗଛ **ତଳେ** ଅଛି ।

DRAFT


## ଆସ ଖେଳିବା - ବଲ୍ ଫିଙ୍ଗିବା


ପ୍ରତ୍ୟେକ ପିଲା ଝୁଡ଼ି ଭିତରକୁ ବଲ୍ ଫିଙ୍ଗିବେ । ବଲ୍‌ଟି ଝୁଡ଼ି ଭିତରେ ପଡ଼ିଲେ ତାଳିମାରି 'ୟାଃ' **"ଭିତରେ"** ବୋଲି କହିବେ । ବଲ୍‌ଟି ଝୁଡ଼ି ବାହାରେ ପଡ଼ିଲେ ଅନ୍ୟ ପିଲାମାନେ ଓହୋ, **"ବାହାରେ"** ବୋଲି କହିବେ ।



## ଆସ କାମଟିକୁ କରିବା

(୧) ଭିତରେ ଥିବା ଜିନିଷ ଉପରେ ଠିକ ✓ ଚିହ୍ନ ଦିଅ ।





**ଶିକ୍ଷଣ କାର୍ଯ୍ୟଟି ଏପରି ହେବା ଉଚିତ ଯେପରି ଅଲଗା ଅଲଗା ଦକ୍ଷତା ସଂପନ୍ନ ପ୍ରତ୍ୟେକ ପିଲା ଅଂଶଗ୍ରହଣ କରିବାକୁ ସୁଯୋଗ ପାଇବେ, ଯେପରି- ବଲ୍‌ରେ ଘୁଙ୍ଗୁର ବାନ୍ଧିବା ଓ ଝୁଡ଼ିର ଭିତର ପାର୍ଶ୍ୱରେ ଟିଣ ପ୍ଲେଟ ଲଗାଇବା, ଯଦ୍ୱାରା ବଲ୍‌ଟି ଭିତରେ ପଡ଼ିଲେ ବା ବାହାରେ ପଡ଼ିଲେ, ଅଲଗା ଅଲଗା ଶବ୍ଦକୁ ପିଲାମାନେ ଚିହ୍ନଟ କରିପାରିବେ ।**

(୨) ବାହାରେ ଥିବା ଜିନିଷଗୁଡ଼ିକରେ ଠିକ ✓ ଚିହ୍ନ ଦିଅ ।






(୩) ଚିତ୍ରକୁ ଦେଖି ଉପଯୁକ୍ତ ଶବ୍ଦରେ ଠିକ ✓ ଚିହ୍ନ ଦିଅ ।

କ. ପିଲାଟି ଗଛ **ଉପରେ / ତଳେ** ବସିଛି ।

ଖ. ଚଢ଼େଇମାନେ **ଗଛ ଉପରେ / ଗଛ ତଳେ** ଅଛନ୍ତି ।



(୪) ଚିତ୍ରରେ ନାକ ତଳେ, ହସୁଥିବା ପାଟି ଓ ଆଖି ଉପରେ ଭ୍ରୂଲତା ଅଙ୍କନ କର ।



(୫) ଆମ ଜାତୀୟ ପତାକାକୁ ଦେଖ, ଯାହା *ତ୍ରିରଙ୍ଗା* ଭାବରେ ପରିଚିତ । ସେଥିରେ କେତୋଟି ରଙ୍ଗ ଅଛି ? ଠିକ ଉତ୍ତରରେ ✓ ଚିହ୍ନ ଦିଅ ।

(କ) ତ୍ରିରଙ୍ଗାର **ଉପର** ଭାଗରେ କେଉଁ ରଙ୍ଗ ଅଛି ?

**ଧଳା / ନାରଙ୍ଗୀ / ସବୁଜ**

(ଖ) ତ୍ରିରଙ୍ଗାରେ ଧଳା ରଙ୍ଗ ତଳେ କେଉଁ ରଙ୍ଗ ଅଛି ?

**ଗୋଲାପୀ / ନାରଙ୍ଗୀ / ସବୁଜ**

(ଗ) ତ୍ରିରଙ୍ଗାରେ ସବୁଜ ରଙ୍ଗ **ଉପରେ** କେଉଁ ରଙ୍ଗ ଅଛି ?

**ଧଳା / ନାରଙ୍ଗୀ / ହଳଦିଆ**

(ଘ) ତ୍ରିରଙ୍ଗାରେ ଅଶୋକ ଚକ୍ର କେଉଁଠାରେ ଅଛି ?

**ଗୋଟିଏ କୋଣରେ / ମଝିରେ / ଗୋଟିଏ କଡ଼ରେ**



**ଆମେ କେବେ, କେଉଁଠାରେ ଏବଂ କାହିଁକି ଜାତୀୟ ପତାକା ଉତ୍ତୋଳନ କରୁ, ପିଲାମାନଙ୍କ ସହ ଆଲୋଚନା କରନ୍ତୁ । ପିଲାମାନେ ଜାତୀୟ ଉତ୍ସବ ବିଷୟରେ ସେମାନଙ୍କର ଭାବନା ପ୍ରକାଶ କରନ୍ତୁ । ପ୍ରତ୍ୟେକ ପିଲାକୁ *ତ୍ରିରଙ୍ଗା* ତିଆରି କରି *ତ୍ରିରଙ୍ଗା* ଆଡ଼କୁ ମୁହଁ କରି ଠିଆହୋଇ ଜାତୀୟ ସଙ୍ଗୀତ ଗାନ କରିବାକୁ କହନ୍ତୁ ।**



## ଛୁକ୍ ଛୁକ୍ ଚାଲେ ରେଳଗାଡ଼ି !

ଛୁକ୍‌ଛୁକ୍ ଛୁକ୍‌ଛୁକ୍ କରି ଚାଲେ ରେଳଗାଡ଼ି
ଭୁସ୍‌ଭୁସ୍ ଭୁସ୍‌ଭୁସ୍ କରି କଳା ଧୂଆଁ ଛାଡ଼ି
ପାହାଡ଼ ଉପରେ ପଡ଼ିଆ ଭୂଇଁରେ ଯାଏ ଗଡ଼ିଗଡ଼ି
ଛୁକ୍‌ଛୁକ୍ ଛୁକ୍‌ଛୁକ୍ କରି ଚାଲେ ରେଳଗାଡ଼ି ।
ମୋ ବଗି ସହ **ଆଗ** ଓ **ପଛ** ବଗିକୁ ଯୋଡ଼ି
ଛୁକ୍‌ଛୁକ୍ ଛୁକ୍‌ଛୁକ୍ କରି ଚାଲେ ରେଳଗାଡ଼ି ।
ନଦୀ ଉପରେ, ରିମ୍‌ଝିମ୍ ବରଷାରେ ଯାଏ ଗଡ଼ିଗଡ଼ି
ଛୁକ୍‌ଛୁକ୍ ଛୁକ୍‌ଛୁକ୍ କରି ଚାଲେ ରେଳଗାଡ଼ି
ଭୁସ୍‌ଭୁସ୍ ଭୁସ୍‌ଭୁସ୍ କରି କଳା ଧୂଆଁ ଛାଡ଼ି ।



(୧) ଇଞ୍ଜିନ୍ **ପରେ** କେତୋଟି ବଗି ଅଛି ?

(୨) **ନାଲି**ରଙ୍ଗର ବଗି **ପୂର୍ବରୁ** କେତୋଟି ବଗି ଅଛି ?

(୩) ନାଲି ରଙ୍ଗର ବଗି **ପରେ** ଥିବା ବଗିଗୁଡ଼ିକୁ **କମଳା** ରଙ୍ଗ ଦିଅ ।


(୪) ନାଲି ରଙ୍ଗର ବଗି **ପୂର୍ବରୁ** ଥିବା ବଗିଗୁଡ଼ିକୁ **ନୀଳ** ରଙ୍ଗ ଦିଅ ।

ପିଲାମାନଙ୍କୁ ସେମାନଙ୍କର ରେଳଗାଡ଼ିରେ ଯାତ୍ରା ଅନୁଭୂତି କହିବାକୁ କହନ୍ତୁ । ଯେଉଁ ପିଲାମାନେ ପୂର୍ବରୁ ରେଳଗାଡ଼ିରେ କେବେ ଯାତ୍ରା କରି ନାହାନ୍ତି, ସେମାନେ ରେଳଯାତ୍ରା ସଂପର୍କରେ ପ୍ରଶ୍ନ ପଚାରିପାରିବେ । ରେଳଗାଡ଼ିଟି କ'ଣ ? ଏ ବିଷୟରେ ଆଲୋଚନା ହେବ । କାଗଜରେ ରେଳଗାଡ଼ିର ଚିତ୍ର ଆଙ୍କିବାକୁ କହନ୍ତୁ ଏବଂ ଦିଆସିଲି ଖୋଳ କିମ୍ବା ଅଦରକାରୀ ଜିନିଷକୁ ବ୍ୟବହାର କରି ସେମାନଙ୍କୁ ରେଳଗାଡ଼ିର ମଡ୍ଳେ ତିଆରି କରିବାକୁ କହନ୍ତୁ ଓ ସହାୟତା ଦିଅନ୍ତୁ ।



## ଆସ ଖେଳିବା

ପିଲାମାନେ ଗୀତ ଗାଇବେ ଏବଂ ଖେଳିବେ । ଏହି ଖେଳରେ ପିଲାମାନେ ପଛକୁ ପଛ କାନ୍ଧକୁ କାନ୍ଧ ଧରି ରେଳଗାଡ଼ି ପରି ଠିଆ ହେବେ । ପ୍ରତ୍ୟେକ ପିଲା ନିଜ ଆଗରେ ଓ ପଛରେ କିଏ ଅଛନ୍ତି, ତାହା କହିବେ ।





ସୋନାଲି ଏବଂ ବିକାଶ କେତେଗୁଡ଼ିଏ ଜିନିଷକୁ ଅଲଗା ଅଲଗା କରି ସଜାଡ଼ି ରଖିଛନ୍ତି ।




ପିଲାମାନଙ୍କୁ ମଞ୍ଜି, ପତ୍ର, ମାଳି ଭଳି ଜିନିଷ ଦେଇ ସେହିଭଳି କାର୍ଯ୍ୟ କରିବାକୁ କହନ୍ତୁ ।

## ଆସ କାମଟିକୁ କରିବା

ସୋନାଲି ସବୁ ବୋତାମକୁ ଅଲଗା ଅଲଗା ସମୂହରେ ସଜାଡ଼ି ରଖିଛି ।



ସୋନାଲି କାହିଁକି ଏପରି ଅଲଗା ଅଲଗା ସଜାଡ଼ି ରଖିଛି ? ଏହି ବୋତାମଗୁଡ଼ିକୁ ଅନ୍ୟ ଉପାୟରେ ସଜାଡ଼ି ରଖିବାରେ ସୋନାଲିକୁ ସାହାଯ୍ୟ କର । ସେ ଯେପରି ସଜାଡ଼ିବ, ତାକୁ ଚିତ୍ରରେ ଦେଖାଅ ।

## ପ୍ରକଳ୍ପ କାର୍ଯ୍ୟ

ପିଲାମାନଙ୍କୁ ଶ୍ରେଣୀଗୃହରେ ଆଲମାରୀ ଥାକରେ ଜିନିଷଗୁଡ଼ିକୁ ସଜାଡ଼ି ରଖିବାକୁ କହନ୍ତୁ । ଜିନିଷଗୁଡ଼ିକ ଆଲମାରୀରେ ସଜାଡ଼ି ରଖିବେ ଓ ସ୍ଥାନିକ ଶବ୍ଦ ବ୍ୟବହାର କରି କେଉଁ ଜିନିଷକୁ କେଉଁଠି ରଖିଛନ୍ତି ତାହା କହିବାକୁ ସୂଚନା ଦିଅନ୍ତୁ, ଯେପରି-ତଳ ଥାକରେ ଦୁଇଟି ଜିନିଷ ରଖିଛି, ଉପର ଥାକରେ ଗୋଟିଏ ଜିନିଷ ରଖିଛି ଇତ୍ୟାଦି ।

DRAFT

# ୨ କେଉଁଟି ଲମ୍ବା ? କେଉଁଟି ଗୋଲ ?

## ଚାରିଆଡ଼େ ଥିବା ଜିନିଷଗୁଡ଼ିକୁ ଦେଖ


ବୀଣା ଦିଦି ସମସ୍ତ ପିଲାଙ୍କୁ ଗୋଲ ହୋଇ ବସିବାକୁ କହିଲେ ।




ପିଲାମାନଙ୍କୁ ଶ୍ରେଣୀରେ ଏହି ଖେଳଟିକୁ ଖେଳିବାକୁ କହନ୍ତୁ । ପ୍ରତ୍ୟେକ ପିଲା ଏପରି ଦୁଇଟି ଜିନିଷର ନାମ କହିବେ, ଯେଉଁଥିରୁ ଗୋଟିଏ ଲମ୍ବା ଓ ଅନ୍ୟଟି ଗୋଲ ହୋଇଥିବ । ଏହିଭଳି ପ୍ରତ୍ୟେକ ଥର ସେମାନେ ନୂଆ ଜିନିଷର ନାମ କହିବେ (ପୂର୍ବରୁ କହିଥିବା ଜିନିଷର ନାମ ପୁଣିଥରେ କୁହାଯାଇ ପାରିବନାହିଁ ।) ଲମ୍ବା ଜିନିଷଗୁଡ଼ିକ ପାଇଁ କେବଳ ଗୋଟିଏ ଦିଗକୁ ବିଚାରକୁ ନେବେ, ଯେପରି- ଲମ୍ବ, ଚଉଡ଼ା ଇତ୍ୟାଦି । ଉଦାହରଣ ସ୍ୱରୂପ- କେତେକ ପିଲା କାଚଗ୍ଲାସ୍‌କୁ ଲମ୍ବା କହିବାବେଳେ ଅନ୍ୟ କେତେ ଜଣ ଏହାକୁ ମଧ୍ୟ ଗୋଲ ବୋଲି କହିପାରିବେ । ଉଭୟ ମତାମତକୁ ଠିକ ବୋଲି ଗ୍ରହଣ କରାଯିବ । ପିଲାମାନେ ତାଙ୍କର ଉତ୍ତର ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବେ ।

## ଚିନ୍ତା କରି କାମ କର

୧. ◯ ଭିତରେ ଗୋଲ ଜିନିଷ ଏବଂ ▭ ଭିତରେ ଲମ୍ବା ଜିନିଷ ଅଙ୍କନ କର ।






DRAFT


୨.   ସମାନ ଆକୃତିର ଜିନିଷଗୁଡ଼ିକୁ ଗାର ଟାଣି ଯୋଡ଼ ।
























୩.   ବଲ୍  ଭଳି ଆକୃତିର ଚିତ୍ରରେ ଠିକ  ଚିହ୍ନ ଦିଅ ।













୪. ଟୋପି  ଭଳି ଆକୃତିର ଚିତ୍ରରେ ଠିକ ✓ ଚିହ୍ନ ଦିଅ ।

୫. ଗ୍ଲାସ୍  ଭଳି ଆକୃତିର ଚିତ୍ରରେ ଠିକ୍ ✓ ଚିହ୍ନ ଦିଅ ।

୬. ଦିଆସିଲି ଖୋଳ ଭଳି ଆକୃତିର ଚିତ୍ରରେ ଠିକ୍ ✓ ଚିହ୍ନ ଦିଅ ।



## ଆସ କାମଟିକ୍ କରିବା

ତୁମ ଚାରିପାଖରେ ଥିବା ବିଭିନ୍ନ ଜିନିଷକୁ ବ୍ୟବହାର କରି ଗୋଟିଏ ଘର / ଖେଳଣା / ବସ୍ ଆଦି ନିଜ ପସନ୍ଦର ଜିନିଷ ତିଆରି କର । ଏଥିପାଇଁ ତୁମର ପୁରୁଣା ଖାତା, ବହି, ପାଣିବୋତଲ, ପୁରୁଣା ଡବା, ଜନ୍ମଦିନ ଟୋପି, କାହାଳୀ ଆଦିକୁ ବ୍ୟବହାର କରିପାରିବ ।

**ପିଲାମାନଙ୍କୁ ଚାରୋଟି ଦଳରେ ଭାଗ କରନ୍ତୁ । ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏଁ ଆକୃତି ଦିଅନ୍ତୁ । ଦଳରେ ଦିଆଯାଇଥିବା ଆକୃତି ପରି ଯେକୌଣସି ଦୁଇଟି ବ୍ୟବହୃତ ବା ଅଦରକାରୀ ଜିନିଷ ଆଣିବାକୁ କହନ୍ତୁ । ଶ୍ରେଣୀଗୃହରୁ ସଂଗୃହୀତ ସମସ୍ତ ଜିନିଷ ପ୍ରଦର୍ଶନ କରନ୍ତୁ ଏବଂ ସେମାନେ ସେହି ନିର୍ଦ୍ଦିଷ୍ଟ ଜିନିଷଗୁଡ଼ିକୁ କାହିଁକି ସଂଗ୍ରହ କରିଛନ୍ତି, ତା'ର କାରଣ ପଚାରନ୍ତୁ ।**



# ଚତୁରୀ ଆଈ



ଥରେ ଗୋଟିଏ ମେଣ୍ଢା ଛୁଆ ତା'ଆଈ ଘରକୁ ଯାଉଥିଲା ।

ବାଟରେ ଗୋଟିଏ ଗଧିଆ, ମେଣ୍ଢାଛୁଆକୁ ଦେଖିଲା । ଗଧିଆ ତାକୁ ଧରିବାକୁ ଇଚ୍ଛାକଲା ।





ମେଣ୍ଢାଛୁଆ ଗଧିଆ ବିଷୟରେ ସବୁ କଥା ଆଈଙ୍କୁ କହିଲା । ଆଈ ଏକ ଉପାୟ ପାଇଲେ ଏବଂ ମେଣ୍ଢାଛୁଆକୁ ଏକ ଢୋଲରେ ଭର୍ତ୍ତି କରିଦେଲେ ଏବଂ ଏହାକୁ ତାଙ୍କ ଘରଆଡ଼କୁ ଗଡ଼େଇ ଦେଲେ ।




କାହାଣୀଟିକୁ ଶିକ୍ଷକ ପଢ଼ି ପିଲାଙ୍କୁ ଶୁଣାଇବେ ଓ ପିଲାମାନଙ୍କୁ ଅଭିନୟ କରିବାକୁ କହିବେ ।






ଢୋଲଟି କାହିଁକି ଗଡ଼ିଲା ତା'ର କାରଣ କହିବାକୁ ପିଲାମାନଙ୍କୁ କହନ୍ତୁ । ଜଙ୍ଗଲର ଗଡ଼ାଣିଆ ରାସ୍ତା ସଂପର୍କରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରନ୍ତୁ ।



## ଆସ ଘୋଷାଡ଼ିବା

ଚିତ୍ରରେ ଦେଖାଯାଇଥିବା ଭଳି ପିଲାମାନେ କ୍ୟାରମ୍ ଖେଳୁଛନ୍ତି । ତୁମେ ମଧ୍ୟ ଏପରି ଖେଳିପାରିବ । ଲକ୍ଷ୍ୟ କରିପାରିବ ଯେ, ଷ୍ଟ୍ରାଇକର୍‌ଟି କିପରି ଘୋଷାଡ଼ି ହୋଇ କୋଣରେ ପହଞ୍ଚୁଛି ।




୧. ◯ ଭିତରେ ଗଡୁଥିବା ଜିନିଷଗୁଡ଼ିକ ପାଇଁ 'ଗ' ଏବଂ ଘୋଷାଡ଼ି ହେଉଥିବା ଜିନିଷଗୁଡ଼ିକ ପାଇଁ 'ଘ' ଲେଖ ।




୨. ନିଜ ପରିବେଶରୁ ବିଭିନ୍ନ ଜିନିଷ ସଂଗ୍ରହ କର ଏବଂ ସେଗୁଡ଼ିକ ଗଡୁଛନ୍ତି କିମ୍ବା ଘୋଷାଡ଼ି ହୋଇ ଯାଉଛନ୍ତି ତାହା ଲକ୍ଷ୍ୟକର ।

୩. ତୁମେ ଏପରି ଜିନିଷ ଦେଖିଛ କି ଯାହା ଉଭୟ ଗଡ଼ିପାରିବ ଏବଂ ଘୋଷାଡ଼ି ହୋଇ ପାରିବ ? ଯଦି ହଁ, ଶ୍ରେଣୀରେ ଆଲୋଚନା କର ।


ପିଲାମାନେ ଘରେ କିମ୍ବା ବିଦ୍ୟାଳୟରେ ଗଡୁଥିବା ଓ ଘୋଷାଡ଼ା ହୋଇ ଯାଉଥିବା ଜିନିଷଗୁଡ଼ିକ ବିଷୟରେ କହିବେ । ବସ୍ତୁଗୁଡ଼ିକର କେଉଁ ଗୁଣ ଯୋଗୁଁ ସେଗୁଡ଼ିକ ସମତଳ ପୃଷ୍ଠରେ ଗଡ଼ିଥାନ୍ତି ବା ଘୋଷାଡ଼ି ହୋଇ ଯାଇଥାନ୍ତି ସେ ସଂପର୍କରେ ଆଲୋଚନା କରନ୍ତୁ ।





## ଚିନ୍ତା କରି କାମ କର

ନିମ୍ନଲିଖିତ ଜିନିଷଗୁଡ଼ିକ ଗଡ଼େ / ଘୋଷାଡ଼ି ହୁଏ / ଉଭୟ ଗଡ଼େ ଓ ଘୋଷାଡ଼ି ହୁଏ ଲକ୍ଷ୍ୟକର । ତାହାକୁ ତଳ ସାରଣୀରେ ✓ କିମ୍ବା ✗ ଚିହ୍ନ ଦେଇ ଦର୍ଶାଅ ।

| ଜିନିଷ | ଗଡ଼ିବ | ଘୋଷାଡ଼ି ହେବ | ଉଭୟ ଗଡ଼ିବ ଓ ଘୋଷାଡ଼ି ହେବ |
|---|---|---|---|
|  | | | |
|  | | | |
|  | | | |
|  | | | |
|  | | | |
|  | | | |
|  | | | |
|  | | | |

DRAFT



## ପ୍ରକଳ୍ପ କାର୍ଯ୍ୟ

୧. ମୋଟା କାଗଜ ପଟିରେ ତିଆରି ବାକ୍ସ (ଜୋତା ବାକ୍ସ, ଖାଦ୍ୟ ପ୍ୟାକେଟ୍, ଫଳ ବାକ୍ସ ଇତ୍ୟାଦି) ସଂଗ୍ରହ କର । ବାକ୍ସର ସାମ୍ନାପଟକୁ କାଟି ସେଥିରେ ଆଖି, ପାଟି ଓ ନାକ ତିଆରି କର । ତୁମର ବାପା-ମାଆ ବା ଶିକ୍ଷକଙ୍କ ସହାୟତାରେ କଣ୍ଢେଇ ତିଆରି କରି ତାହା ସହିତ ଖେଳ । ତୁମ ପସନ୍ଦର ଗପ/କାହାଣୀକୁ ନେଇ କଣ୍ଢେଇ ତିଆରି କର ଓ ଶ୍ରେଣୀଗୃହରେ କଣ୍ଢେଇ ଖେଳର ଆୟୋଜନ କର ।

୨. ବିଭିନ୍ନ ଜିନିଷ ନେଇ ଉପରକୁ ଉପର ଥୋଇ ଗୋଟିଏ କୋଠାଘର ତିଆରି କର । କେଉଁ ଆକୃତିର ଜିନିଷ ବ୍ୟବହାର କଲେ କୋଠାଘରଟି ଉଚ୍ଚା ଓ ମଜବୁତ୍ ହେବ କହ ।

୩. ଚିକିଟା ମାଟି ବ୍ୟବହାର କରି ବିଭିନ୍ନ ଆକୃତି ଓ ଜିନିଷ ତିଆରି କର ।

# ୩ ଆମ୍ବ ଭୋଜି

## ଆସ ପଢ଼ିବା






## ଆସ କଥା ହେବା


(୧) ଚିତ୍ରରେ ଥିବା ଚଢ଼େଇମାନଙ୍କୁ ଚିହ୍ନ ।
(୨) ଆରମ୍ଭରେ କେତୋଟି ପଶୁ କିମ୍ବା ଚଢ଼େଇ ଆମ୍ବ ଖାଉଥିଲେ ?
(୩) ପ୍ରତ୍ୟେକ ଥର କେତୋଟି ଲେଖାଏଁ ଚଢ଼େଇ ଆମ୍ବ ଖାଇବା ପାଇଁ ଭୋଜିରେ ଯୋଗ ଦେଉଥିଲେ ?
(୪) ୧ ଠାରୁ ୧ ଅଧିକ ସଂଖ୍ୟାଟି କେତେ ? ୨ ଠାରୁ ୧ ଅଧିକ ସଂଖ୍ୟାଟି କେତେ ? ୩ ଠାରୁ ୧ ଅଧିକ ସଂଖ୍ୟାଟି କେତେ ? ଏହିପରି ୧ ଅଧିକ କରି କରି ଆଗକୁ ଯାଅ ।
(୫) ଶେଷରେ ମୋଟ କେତେ ଜଣ ଆମ୍ବ ଖାଉଥିଲେ ?

କାହାଣୀରେ ଥିବା ବିଭିନ୍ନ ପଶୁ ଓ ପକ୍ଷୀମାନଙ୍କର ଅଭିନୟ ସହ ସେମାନେ କିପରି ଶବ୍ଦ କରନ୍ତି ତାହା କରିବାକୁ ସୂଚନା ଦିଅନ୍ତୁ । ନିଜ ଚାରିପାଖରେ ଦେଖୁଥିବା ବିଭିନ୍ନ ପଶୁପକ୍ଷୀମାନଙ୍କର ବାସସ୍ଥାନ ଓ ସେମାନେ କିପରି ଶବ୍ଦ କରନ୍ତି ସେ ବିଷୟରେ ଆଲୋଚନା କରନ୍ତୁ । ପଶୁପକ୍ଷୀମାନଙ୍କର ଭୋଜିରେ ଯୋଗଦେବାକୁ ଲକ୍ଷ୍ୟକରି ସଂଖ୍ୟା ଗଣିବା ବିଷୟରେ ପିଲାମାନଙ୍କ ସହ କଥାବାର୍ତ୍ତା କରନ୍ତୁ ।




ପକ୍ଷୀମାନଙ୍କର ସଂଖ୍ୟା ସହିତ ସମାନ ସଂଖ୍ୟକ ଆଙ୍ଗୁଠିକୁ ଗାର ଟାଣି ଯୋଡ଼ ।




















ଉଦାହରଣ ଦେଖି ଆଙ୍ଗୁଠି ସଂଖ୍ୟା ସହ ସମାନ ସଂଖ୍ୟକ ଟିକିଲିକୁ ଗାରଟାଣି ଯୋଡ଼ । ତୁମପାଇଁ ଗୋଟିଏ ଦେଖାଇ ଦିଆଯାଇଛି ।





## ଆସ ଖେଳିବା - ଆଙ୍ଗୁଠିକୁ ନେଇ ଅଭିନୟ କରିବା



ତୁମ ସାଙ୍ଗକୁ ୩ଟି ଆଙ୍ଗୁଠି ଦେଖାଅ । ତୁମର ସାଙ୍ଗ ମଧ୍ଯ ତୁମକୁ ୩ଟି ଆଙ୍ଗୁଠି ଦେଖାଇବ, କିନ୍ତୁ ଅନ୍ୟ ଏକ ଉପାୟରେ । ସେହିପରି ତୁମେ ଅନ୍ୟ ସଂଖ୍ୟାକୁ ନେଇ ଏହି ଖେଳ ଖେଳିପାରିବ । ଗୋଟିଏ ହାତର ୪ଟି ଆଙ୍ଗୁଠି ଦେଖାଇବାର ଭିନ୍ନ ଭିନ୍ନ ଉପାୟଗୁଡ଼ିକ କ'ଣ ?

# ଆସ ବାହାରକୁ ଯାଇ ଖେଳିବା





ପିଲାମାନେ ହାତ ଧରାଧରି ହୋଇ ଗୀତ ଗାଇ ଗାଇ ଗୋଲ ଆକୃତିରେ ବୁଲିବେ । ଗୋଟିଏ ପିଲା କରତାଳି ଦେଇ "ଚାରି" କହିଲା ପରେ ୪ଜଣ ଲେଖାଏଁ ପିଲା ହାତ ଧରାଧରି ହୋଇ ଗୋଟିଏ ଲେଖାଏଁ ଦଳ ହେବେ ।



ଯେଉଁ ପିଲାମାନେ ବଳକା ରହିଲେ (ଦଳ ହୋଇପାରିଲେ ନାହିଁ) ସେମାନେ ପ୍ରତ୍ୟେକ ଦଳର ପିଲା ସଂଖ୍ୟାକୁ ଗଣିବେ । ଏହିପରି ଭିନ୍ନ ଭିନ୍ନ ସଂଖ୍ୟା ( ୯ ମଧ୍ୟରେ) ନେଇ ଏହି ଖେଳଟି ଚାଲୁ ରହିବ ।

## ମୋର ଚିତ୍ରାଙ୍କନ ଦିବସ

'ଏକତା ଦିବସ' (୩୧ ଅକ୍ଟୋବର)ରେ ପିଲାମାନଙ୍କ ପାଇଁ ଏକ ଚିତ୍ରାଙ୍କନ କାର୍ଯ୍ୟକ୍ରମ ଆୟୋଜନ କରାଗଲା । ପିଲାମାନଙ୍କୁ ବିଭିନ୍ନ ଜିନିଷ ଦିଆଗଲା । ପିଲାମାନେ ସେହି ଜିନିଷଗୁଡ଼ିକୁ ବ୍ୟବହାର କରି ଗାର ଟାଣିବେ ।




ଯେଉଁ ଜିନିଷଗୁଡ଼ିକ ପିଲା ସଂଖ୍ୟାଠାରୁ କମ୍ ବା ଅଧିକ ବା ପିଲାସଂଖ୍ୟା ସହ ସମାନ ତାହା ତଳ ସାରଣୀରେ ଉପଯୁକ୍ତ ଘରେ ✓ ଚିହ୍ନ ଦେଇ ସୂଚାଅ ।

| ଜିନିଷ | ପିଲାଙ୍କ ସଂଖ୍ୟାଠାରୁ ଅଧିକ | ପିଲାଙ୍କ ସଂଖ୍ୟାଠାରୁ କମ୍ | ପିଲାଙ୍କ ସଂଖ୍ୟା ସହିତ ସମାନ |
|---|---|---|---|
|  | | | |
|  | | | |
|  | | | |
|  | | | |
|  | | | |


ଚିତ୍ରରେ କେଉଁ ଜିନିଷଗୁଡ଼ିକ ପିଲାସଂଖ୍ୟାଠାରୁ କମ୍ / ଅଧିକ / ସମାନ ଅଛି ତାହା କିପରି ଜାଣିଲେ ସେ ସଂପର୍କରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ । ଯେତେବେଳେ ଜିନିଷ ସଂଖ୍ୟାଠାରୁ ପିଲାମାନଙ୍କର ସଂଖ୍ୟା ଅଧିକ, ସେତେବେଳେ ଜିନିଷ ବାଣ୍ଟିବାର ଅଭ୍ୟାସ ବିଷୟରେ ମଧ୍ୟ ଆଲୋଚନା କରନ୍ତୁ । ଆହୁରି ମଧ୍ୟ ଏକତା ଦିବସର ଗୁରୁତ୍ୱ ବିଷୟରେ ଆଲୋଚନା କରନ୍ତୁ ।







## ଆସ କାମଟିକୁ କରିବା


୧. ଯେଉଁ ଚିତ୍ରରେ ଅଧିକ ସଂଖ୍ୟକ ଫଳ ଅଛି, ତା' ପାଖରେ ଥିବା ମୁଣ୍ଡୁଳା ଭିତରେ ଠିକ ✓ ଚିହ୍ନ ଦିଅ ।






୨. କମ୍ ସଂଖ୍ୟକ ରୁଟି ଥିବା ଥାଳି ପାଖରେ ଥିବା ମୁଣ୍ଡୁଳା ମଧ୍ୟରେ ଠିକ ଚିହ୍ନ ✓ ଦିଅ ।





୩. କମ୍ ସଂଖ୍ୟକ ଚିତ୍ର ପାଖରେ ଥିବା ମୁଣ୍ଡୁଳା ମଧ୍ୟରେ ଠିକ ଚିହ୍ନ ✓ ଦିଅ ।







## ଆସ ଖେଳିବା-ଆଙ୍ଗୁଠି ଗଣିବା ଖେଳ

(୧) ତୁମର ଜଣେ ସାଙ୍ଗ ସହିତ ଏହି ଆଙ୍ଗୁଠି ଗଣିବା ଖେଳ ଖେଳ । ଉଦାହରଣ ସ୍ୱରୂପ, ତୁମେ ଚାରୋଟି ଆଙ୍ଗୁଠି ଦେଖାଅ । ତୁମ ସାଙ୍ଗକୁ ଚାରିରୁ କମ୍ ଆଙ୍ଗୁଠି ଦେଖାଇବାକୁ କହ ।

(୨) ତୁମେ ଯେତୋଟି ଆଙ୍ଗୁଠି ତୁମ ସାଙ୍ଗକୁ ଦେଖାଇଛ, ତୁମ ସାଙ୍ଗ ତା'ଠାରୁ ଅଧିକ ବା କମ୍ ସଂଖ୍ୟକ ଆଙ୍ଗୁଠିକୁ ଭିନ୍ନ ଭିନ୍ନ ଉପାୟରେ ଦେଖାଇବାକୁ କହ ।


DRAFT

## ୧ , ୨ , ୩.... କୁ ଆଗକୁ ବଢ଼ାଇ ଲେଖି ଚାଲ




### ଚିତ୍ରଟିକୁ ଦେଖ ଏବଂ ସୂଚନା ଅନୁଯାୟୀ କାମ କର


(୧) ଉପର ଚିତ୍ରରେ ଯେଉଁ ଜିନିଷରୁ ଗୋଟିଏ ଅଛି, ସେହି ଚିତ୍ର ଚାରିପଟେ △ ଅଙ୍କନ କର । ତଳ କୋଠରିରେ '୧' ଲେଖ ।




(୨) ଉପର ଚିତ୍ରରେ ଯେଉଁ ଜିନିଷରୁ ଦୁଇଟି ଅଛି, ସେହି ଚିତ୍ର ଚାରିପଟେ '○' ଅଙ୍କନ କର । ତଳ କୋଠରିରେ ୨ ଲେଖ ।




(୩) ଉପର ଚିତ୍ରରେ ଯେଉଁ ଜିନିଷରୁ ତିନୋଟି ଅଛି, ସେହି ଚିତ୍ର ଚାରିପଟେ □ ଅଙ୍କନ କର । ତଳ କୋଠରିରେ ୩ ଲେଖ ।




DRAFT




(୪) ଉପର ଚିତ୍ରରେ ଯେଉଁ ଜିନିଷରୁ ଚାରୋଟି ଅଛି, ସେହି ଚିତ୍ର ଚାରିପଟେ △ ଅଙ୍କନ କର । ତଳ କୋଠରିରେ ୪ ଲେଖ ।

୪  ଚାରି

(୫) ଉପର ଚିତ୍ରରେ ଯେଉଁ ଜିନିଷରୁ ପାଞ୍ଚଟି ଅଛି, ସେହି ଚିତ୍ର ଚାରିପଟେ '○' ଅଙ୍କନ କର । ତଳ କୋଠରିରେ ୫ ଲେଖ ।

୫  ପାଞ୍ଚ


(୬) ଉପର ଚିତ୍ରରେ ଯେଉଁ ଜିନିଷରୁ ଛଅଟି ଅଛି, ସେହି ଚିତ୍ର ଚାରିପଟେ □ ଅଙ୍କନ କର । ତଳ କୋଠରିରେ ୬ ଲେଖ ।

୬  ଛଅ


DRAFT




(୭) ଉପର ଚିତ୍ରରେ ଯେଉଁ ଜିନିଷରୁ ସାତଟି ଅଛି, ସେହି ଚିତ୍ର ଚାରିପଟେ △ ଅଙ୍କନ କର । ତଳ କୋଠରିରେ ୭ ଲେଖ ।




(୮) ଉପର ଚିତ୍ରରେ ଯେଉଁ ଜିନିଷରୁ ଆଠଟି ଅଛି, ସେହି ଚିତ୍ର ଚାରିପଟେ '○' ଅଙ୍କନ କର । ତଳ କୋଠରିରେ ୮ ଲେଖ ।




(୯) ଉପର ଚିତ୍ରରେ ଯେଉଁ ଜିନିଷରୁ ନଅଟି ଅଛି, ସେହି ଚିତ୍ର ଚାରିପଟେ □ ଅଙ୍କନ କର । ତଳ କୋଠରୀରେ ୯ ଲେଖ ।




ବସ୍ତୁ ଗଣି ବାଲି ଉପରେ ସଂଖ୍ୟା ଲେଖିବା ପାଇଁ ପିଲାଙ୍କୁ ଉତ୍ସାହିତ କରନ୍ତୁ । ଗୋଟିଏ ପିଲାକୁ ଡାକି ଅନ୍ୟ ପିଲାର ପିଠିରେ ଏକ ସଂଖ୍ୟା ଲେଖିବାକୁ ସୂଚନା ଦିଅନ୍ତୁ । ଅନ୍ୟ ପିଲାଟି ତା' ପିଠିରେ କେଉଁ ସଂଖ୍ୟା ଲେଖିଥିଲା ଅନୁମାନ କରି କହିବ । ଉପରୋକ୍ତ ଛବିରେ ୭ଟି ତାରା/ନକ୍ଷତ୍ର ଯାହା ପ୍ରତିଦିନ ଆକାଶରେ ଦେଖାଯାଏ ତାହାଙ୍କୁ ସପ୍ତର୍ଷିମଣ୍ଡଳ କୁହାଯାଏ ବୋଲି ଆଲୋଚନା କରନ୍ତୁ ।




DRAFT

## ପ୍ରତ୍ୟେକ ଧାଡ଼ିର ଚିତ୍ର ସଂଖ୍ୟା ଗଣ ଓ ଗାର ଟାଣି ସଂଖ୍ୟାସୂଚକ ସହ ମିଳାଅ



୩




୭




୫

## ଗଣ ଏବଂ ରଙ୍ଗ ଦିଅ


(କ) ୮ଟି ତାରାରେ ରଙ୍ଗ ଦିଅ ।



(ଖ) ୫ଟି ଫୁଲରେ ରଙ୍ଗ ଦିଅ ।



(ଗ) ୬ଟି ବଲରେ ରଙ୍ଗ ଦିଅ ।



## ସଂଖ୍ୟାଗୁଡ଼ିକୁ କ୍ରମରେ ଗାର ଟାଣି ଯୋଡ଼

୧. ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକୁ କ୍ରମରେ ଗାର ଟାଣି ଯୋଡ଼ ଏବଂ ଏକ ରାସ୍ତା ତିଆରି କର ଯେପରି ଗାରଗୁଡ଼ିକ ଅନ୍ୟଗାର ଉପରେ ଚଢ଼ି ଯିବ ନାହିଁ ।

କ.





ଖ.

| | | |
|---|---|---|
| ୧ | ୩ | ୪ |
| ୯ | ୨ | ୫ |
| ୮ | ୭ | ୬ |

ଗ.

| | | |
|---|---|---|
| ୫ | ୬ | ୭ |
| ୪ | ୩ | ୮ |
| ୧ | ୨ | ୯ |

୨. ଗୋଟିଏ ଦୁଷ୍ଟ ମାଙ୍କଡ଼ ସଂଖ୍ୟାକାର୍ଡ଼ଗୁଡ଼ିକୁ ଏପଟ ସେପଟ କରି ବଦଳେଇ ଦେଲା । ଛୋଟରୁ ବଡ଼ କ୍ରମରେ ସଂଖ୍ୟାଗୁଡ଼ିକୁ ଲେଖ ।






DRAFT

୩. ବିଲେଇଟି କାର୍ଯ୍ୟଫର୍ଦ୍ଦ ଉପରେ ଚାଲିଆସିଛି । ପ୍ରତ୍ୟେକ ଧାଡ଼ିର ହଜିଯାଇଥିବା ସଂଖ୍ୟାଗୁଡ଼ିକ ଲେଖ ।

___, ୫, ୬, ___, ୮

___, ୨, ___, ୪, ୫




୫, ___, ___, ___, ୯

୩, ___, ___, ୬, ___







## ସବୁଠାରୁ ବଡ଼ ସଂଖ୍ୟାରେ ରଙ୍ଗ ଦିଅ



୧. ନିମ୍ନ ଚିତ୍ରରେ କେତୋଟି ହଳଦିଆ ବାକ୍ସ ଅଛି, ଗଣି ( ) ମଧ୍ୟରେ ସଂଖ୍ୟା ଲେଖ ।



୨. ଚିତ୍ରରେ କେତୋଟି ଜାମୁକୋଳି ଅଛି ? ( )




୩. ଚିତ୍ରରେ ଥିବା ମେଣ୍ଢା ସଂଖ୍ୟା ଲେଖ । ( )



DRAFT

୪.   ଯେ କୌଣସି ୪ଟି ଫଳର ଚିତ୍ର ଅଙ୍କନ କର ।

୫.   ଯେଉଁ ଦୁଇଟି ସମୂହର ଫଳସଂଖ୍ୟା ମିଶି ୮ ହେଉଛି, ସେଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।



୬.   ଯେଉଁ ଦୁଇଟି ସମୂହର ଛତା ସଂଖ୍ୟା ୭, ସେଗୁଡ଼ିକରେ ମୁଣ୍ଡୁଳା ବୁଲାଅ ।



୭.   କପ୍ ବା ଚାମଚ ମଧ୍ୟରୁ କାହାର ସଂଖ୍ୟା କମ୍ ? ସେହି ଚିତ୍ରରେ ମୁଣ୍ଡୁଳା ବୁଲାଅ ।





## ପ୍ରକଳ୍ପ କାର୍ଯ୍ୟ

ପିଲାମାନଙ୍କୁ ନିଜ ନିଜର ୧ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକାର୍ଡ଼ ତିଆରି କରିବାକୁ କହନ୍ତୁ । ସେମାନେ ବିଭିନ୍ନ ରଙ୍ଗ କାଗଜ ବ୍ୟବହାର କରିପାରିବେ । ସଂଖ୍ୟାକାର୍ଡ଼ରେ ସେମାନେ ସମାନ ସଂଖ୍ୟକ ଚିତ୍ର ଅଙ୍କନ କରିପାରିବେ ବା ଚିତ୍ରକୁ ଅଠାରେ ଲଗାଇ ପାରିବେ ।



# ୪ ଆସ, ୧୦ ତିଆରି କରିବା

## ପ୍ରଜାପତି ଓ ତା' ଶରୀର ଗଠନ



ତୁମେ ପ୍ରଜାପତି ଦେଖିଛ କି ?

ପ୍ରଜାପତି ତୁମକୁ କାହିଁକି ଭଲ ଲାଗେ ? ପ୍ରଜାପତିର ଚିତ୍ରରେ କେତୋଟି ଗୋଲ ଅଛି ?

୧. ପ୍ରତ୍ୟେକ ଚିତ୍ରରେ ପ୍ରଜାପତିର ଡେଣାରେ ଥିବା ଗୋଲ ସଂଖ୍ୟାକୁ ଗଣି ଲେଖ ।











୨. ତେନ୍ତୁଳି ମଞ୍ଜି, ଗୋଡ଼ି, ବୋତାମ, ଟିକିଲି ଇତ୍ୟାଦିକୁ ବ୍ୟବହାର କରି ବିନ୍ଦୁ ନକ୍ସା ତିଆରି କର ଏବଂ ପ୍ରତ୍ୟେକ ନକ୍ସାରେ ବିନ୍ଦୁ ସଂଖ୍ୟା ଚିହ୍ନଟ କର ।



DRAFT

୩. **ନାଲି** ଟିକିଲିକୁ ନେଇ କରାଯାଇଥିବା ପ୍ରତ୍ୟେକ ଡିଜାଇନ୍‌ରେ ଟିକିଲି ସଂଖ୍ୟାକୁ ଲେଖ ।






## ଆସ ଖେଳିବା

୪. ତୁମ ସାଙ୍ଗ ସହିତ ଖେଳ । ଲୁଡୁ ଗୋଟିକୁ ଗଡ଼ାଅ । ଲୁଡୁ ଗୋଟିରେ ପଡୁଥିବା ବିନ୍ଦୁସଂଖ୍ୟା ସହ ସମାନ ବିନ୍ଦୁଥିବା କୋଠରିକୁ ରଙ୍ଗଦିଅ ।

ଏହାପରେ ତୁମ ସାଙ୍ଗ ସେହିପରି ଲୁଡୁଗୋଟି ଗଡ଼ାଇବ ଓ ଉପଯୁକ୍ତ କୋଠରିରେ ରଙ୍ଗ ଦେବ । ପୁଣି ଥରେ ତୁମ ପାଳି ଆସିବ ।



ତୁମେ ପାଇଥିବା କୋଠରିଗୁଡ଼ିକୁ ଗୋଟିଏ ପ୍ରକାର ରଙ୍ଗ ଦିଅ । ତୁମ ସାଙ୍ଗ ତାର କୋଠରିଗୁଡ଼ିକୁ ଆଉ ଗୋଟିଏ ରଙ୍ଗ ଦେବ ।

ମୁଁ ବ୍ୟବହାର କରିଥିବା ରଙ୍ଗ ☐

ମୋ ସାଙ୍ଗ ବ୍ୟବହାର କରିଥିବା ରଙ୍ଗ ☐

ଯେଉଁ ପିଲା ଅଧିକ ସଂଖ୍ୟକ କୋଠରିରେ ରଙ୍ଗ ଦେଇଥିବ ସେ ଖେଳରେ ବିଜୟୀ ହେବ ।

**ବିନ୍ଦୁଥିବା ରଙ୍ଗୀନ ଫ୍ଲାସ୍‌କାର୍ଡ଼ ବ୍ୟବହାର କରି ପିଲାମାନଙ୍କୁ ଗଣନା ନ କରି ସଂଖ୍ୟାଟିକୁ ଚିହ୍ନଟ କରିବାରେ ସହାୟତା ଦିଅନ୍ତୁ । ଏହାକୁ "ଦୃଶ୍ୟ ଅନୁଭବ ଗଣନ" କୁହାଯାଏ । ୧ ରୁ ୯ ସଂଖ୍ୟକ ବିନ୍ଦୁକୁ ନେଇ ଭିନ୍ନ ଭିନ୍ନ ନକ୍ସା ଓ ଆକାର ବିଶିଷ୍ଟ ଅନେକଗୁଡ଼ିଏ ସଂଖ୍ୟାକାର୍ଡ଼ ପ୍ରସ୍ତୁତ କରାନ୍ତୁ ।**



DRAFT

## ଉଡେଇ ଯାଇଥିବା ବୋତାମ

ମାଙ୍କଡ଼ଟିର ନାମ ଗୋଲୁ । ସେ ତା'ର ପ୍ରିୟ ସାର୍ଟ ପିନ୍ଧିଥିଲା । ସେଥିରେ ଚାରୋଟି ବୋତାମ ଥିଲା । ତାକୁ କଦଳୀ ଖାଇବାକୁ ବହୁତ ଭଲ ଲାଗୁଥିଲା । ଦିନେ ସେ ବଗିଚାକୁ ଯାଇ ବହୁତଗୁଡ଼ିଏ କଦଳୀ ଖାଇଲା । ତା'ପରେ କ'ଣ ହୋଇଥିବ ବୋଲି ତୁମେ ଭାବୁଛ ? ସାର୍ଟର ଗୋଟିଏ ବୋତାମ ବାହାରିଯାଇ ବହୁ ଦୂରକୁ ଗଡ଼ିଗଲା, କିନ୍ତୁ ସେ କଦଳୀକୁ ଛାଡ଼ି ବୋତାମ ଅଟକାଇବା କଥା ଭାବିଲା ନାହିଁ । ଏହିଭଳି ସେ ଗୋଟିଏ ପରେ ଗୋଟିଏ ସବୁ ବୋତାମ ହରାଇଲା ।



ଚାରୋଟି

☐ ଟି ବୋତାମ



ତିନୋଟି

☐ ଟି ବୋତାମ



ଦୁଇଟି

☐ ଟି ବୋତାମ



ଏକ

☐ ଟି ବୋତାମ



ଶୂନ

0 ଟି ବୋତାମ

ଶେଷରେ ସାର୍ଟରେ କୋତୋଟି ବୋତାମ ରହିଲା ଆଲୋଚନା କରନ୍ତୁ ।

ନିଜ ପରିବେଶରେ ଥିବା କେଉଁ ଜିନିଷଗୁଡ଼ିକର ସଂଖ୍ୟା ଶୂନ, ସେ ସମ୍ପର୍କରେ ପିଲାଙ୍କୁ ପଚାରନ୍ତୁ । ୧, ୨,୩, ୪,...... ପରି ଶୂନ(୦) ମଧ୍ୟ ଏକ ସଂଖ୍ୟା, ଏହା ପିଲାମାନେ ଅନୁଭବ କରିବେ । ସୁଷମ ଖାଦ୍ୟର ଉପଯୋଗିତା ଓ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବାର ଖରାପ ପ୍ରଭାବ ବିଷୟରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ ।




DRAFT

ଗଛ ଡାଳରେ ବସିଥିବା ଚଢ଼େଇମାନଙ୍କର ସଂଖ୍ୟାକୁ ଗୋଲ ମଧ୍ୟରେ ଲେଖ



## ତଳ କୋଠରିଗୁଡ଼ିକରେ '0' ଲେଖ



## ଚିନ୍ତା କର ଓ କହ

୧. ତୁମେ ରାତିରେ କେତୋଟି ସୂର୍ଯ୍ୟ ଦେଖ ?


୨. ତୁମେ ଖରାବେଳେ କେତୋଟି ଚନ୍ଦ୍ର ଦେଖ ?

ସ୍ଥୁଳ ବସ୍ତୁ ବ୍ୟବହାର କରି ପ୍ରତ୍ୟେକ ଥର ଗୋଟିଏ ଲେଖାଏଁ ବସ୍ତୁକୁ କମ୍ କରାଇ ଶୂନର ଧାରଣାକୁ ପ୍ରଦର୍ଶନ କରନ୍ତୁ । ବିଭିନ୍ନ ପରିସ୍ଥିତି ବିଷୟରେ ଆଲୋଚନା କରନ୍ତୁ ଯେଉଁଠାରେ କୌଣସି ଜିନିଷ ନାହିଁ ଏବଂ ଏହାର ପରିମାଣକୁ ଶୂନ କୁହାଯାଏ, ଯେପରି ଶ୍ରେଣୀଗୃହରେ '୦'ଟି ବସ୍ ଅଛି । ପିଲାମାନଙ୍କୁ ପ୍ରଥମେ ୫ ଠାରୁ ୦ ପର୍ଯ୍ୟନ୍ତ ଓ ପରେ ୯ ଠାରୁ ୦ ପର୍ଯ୍ୟନ୍ତ ପଛୁଆ ଗଣିବାକୁ ଉତ୍ସାହିତ କରନ୍ତୁ ।

# ଆଶାର ଜନ୍ମଦିନ

ଆଜି ଆଶାର ଜନ୍ମଦିନ । ତାର ବାପା ତା' ପାଇଁ ମଣ୍ଡାପିଠା ତିଆରି କରିଥିଲେ । ସେ ନିଜ ସାଙ୍ଗମାନଙ୍କ ସହ ଜନ୍ମଦିନ ପାଳନ କରୁଛି ।



ମୋତେ ଏବେ ୯ ବର୍ଷ ଏବଂ ଆଉ ୧ ବର୍ଷ ପରେ ମୋତେ ୧୦ ବର୍ଷ ହେବ । ତେଣୁ ୯ ଆଉ ୧ ମିଶିଲେ ୧୦ ହୁଏ ।



ଆଶା ତା' ଜନ୍ମଦିନରେ ______ ଟି ଦୀପ ଲଗାଇଛି ।

ତା ଜନ୍ମଦିନରେ ରଖାଯାଇଥିବା ବସ୍ତୁର ସଂଖ୍ୟା ଗଣି ଲେଖ ।




| | | | | |
|---|---|---|---|---|
| ☐ ଟି | ☐ ଟି | ☐ ଟି | ☐ ଟି | ☐ ଟି |
| ମାଳି | ଲଡୁ | ରଙ୍ଗୀନ ପେନସିଲ | କଦଳୀ | ପତ୍ର |


## ଆସ କାମଟିକୁ କରିବା

୧. ଗୋଟିଏ ମାଳାରେ ୧୦ଟି ମାଳି ରହିବ । ମାଳିଗୁଡ଼ିକ ଗଣ ଓ ୧୦ଟି ମାଳି ହେବାପାଇଁ ମାଳାରେ ଆଉ କେତୋଟି ମାଳି ଦରକାର, ଚିତ୍ର କରି ଦେଖାଅ ।


କ)




ଖ)



ଗ)




ଘ)




୨. ପ୍ରତ୍ୟେକ ଫ୍ରେମ୍‌ରେ ୧୦ଟି ବୋତାମ ରହିବ । ଖାଲିଥିବା କୋଠରିରେ ବୋତାମର ଚିତ୍ର ଆଙ୍କ, ଯେପରି ପ୍ରତ୍ୟେକ ଫ୍ରେମ୍‌ରେ ୧୦ଟି ଲେଖାଏଁ ବୋତାମ ରହିବ ।


କ)




ଖ)



ଗ)




ଘ)



DRAFT

## ପାଞ୍ଚଟି ଓ ଦଶଟି ଆଙ୍ଗୁଠିର ଖେଳ

ନିମ୍ନ ସଂରଚନାକୁ ଲକ୍ଷ୍ୟ କର । କାଠି ଦ୍ୱାରା ଅଲଗା କରାଯାଇଥିବା ବସ୍ତୁକୁ ଗଣି ସଂଖ୍ୟାଯୋଡ଼ି ତିଆରି କର ।

| | |
|---|---|
|  | ୧ ଓ ୪ |
|  | ___ ଓ ___ |
|  | ___ ଓ ___ |
|  | ___ ଓ ___ |
|  | ___ ଓ ___ |

DRAFT



## ଆସ ଖେଳିବା















୩ଟି ଆଙ୍ଗୁଠି ଦେଖାଅ । ଆଉ କେତୋଟି ଆଙ୍ଗୁଠି ଦେଖାଇଲେ ୫ଟି ଆଙ୍ଗୁଠି ହେବ ତୁମ ସାଙ୍ଗକୁ ପଚାର ।



# ୧୦ର ସଂଖ୍ୟା ଯୋଡ଼ି

ଆସ, ଦୁଇହାତର ଆଙ୍ଗୁଠିକୁ ନେଇ ଖେଳିବା ।

ଏହି ଖେଳକୁ ଯୋଡ଼ିରେ ଖେଳାଯିବ । ଜଣେ ପିଲା ଦୁଇଟି ହାତର କିଛି ଆଙ୍ଗୁଠି ଦେଖାଇ ଖେଳ ଆରମ୍ଭ କରିବ । ଅନ୍ୟ ପିଲାଟି ବନ୍ଦ ଆଙ୍ଗୁଠିର ସଂଖ୍ୟାକୁ ଗଣି ନିଜର ଦୁଇ ହାତର ଆଙ୍ଗୁଠି ବ୍ୟବହାର କରି ତାହାକୁ ଦେଖାଇବ । ତଳ ଉଦାହରଣକୁ ଦେଖି ସଂଖ୍ୟା ଯୋଡ଼ିଗୁଡ଼ିକୁ ସାରଣୀରେ ଲେଖ ।

| | | | |
|---|---|---|---|
|  |  | = |  |
| ୧ | ୯ | = | ୧୦ |
|  |  | = |  |
| | | = | |
|  |  | = |  |
| | | = | |
|  |  | = |  |
| | | = | |
|  |  | = |  |
| | | = | |

DRAFT




## ଆସ ଗୋଟିଏ କାର୍ଡ଼ ଖେଳ ଖେଳିବା

### ସଂଖ୍ୟା କାର୍ଡ଼ (୦ ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟାକାର୍ଡ଼ର ସେଟ୍)

ସମସ୍ତ କାର୍ଡ଼ର ସଂଖ୍ୟା ଲେଖାଥିବା ପାର୍ଶ୍ୱକୁ ତଳକୁ କରି ରଖ । ଗୋଟିଏ ପିଲା ଗୋଟିଏ କାର୍ଡ଼ ଉଠାଇବ ଏବଂ ଏହାର ସଂଖ୍ୟା ଲେଖାଥିବା ପାର୍ଶ୍ୱକୁ ଉପରକୁ କରି ରଖିବ । ଅନ୍ୟ ପିଲା ଏକ କାର୍ଡ଼ ଉଠାଇବ ଏବଂ ଯଦି କାର୍ଡ଼ ଦୁଇଟିର ସଂଖ୍ୟା ମିଶି ୧୦ ହେବ, ତେବେ ଦ୍ୱିତୀୟ ପିଲାଟି ଉଭୟ କାର୍ଡ଼ ନେଇଯିବ । ପ୍ରଥମ ପିଲାଟି ପୁନର୍ବାର ଏକ କାର୍ଡ଼ ଉଠାଇବ ଓ ପୂର୍ବପରି ଖେଳଟି ଚାଲୁ ରହିବ ।








### ୨୦ ପର୍ଯ୍ୟନ୍ତ ଗଣିବ

ସୀମା ଦେବଗଡ଼ରେ ରହେ । ସେ ବାପାଙ୍କୁ କମଳାଗୁଡ଼ିକୁ ପ୍ୟାକେଟ୍ କରିବାରେ ସାହାଯ୍ୟ କରେ । ଗୋଟିଏ ପ୍ୟାକେଟ୍‌ରେ ୧୦ଟି କମଳା ରହେ । ଆସ, କମଳା ସଂଖ୍ୟାକୁ ଗଣିବା ।

| | | |
|---|---|---|
|  | ୧୦ | ୧୦ ଦଶ |
|  | ୧୦ ଏବଂ ୧ ହେଉଛି | ୧୧ ଏଗାର |
|  | ୧୦ ଏବଂ ୨ ହେଉଛି | ୧୨ ବାର |

କେଉଁ କେଉଁ ସଂଖ୍ୟା ମିଶି ୫ ଓ ୧୦ ହେବ ତାହାକୁ ବୁଝାଇବା ପାଇଁ ସେ ବିଷୟରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ । ଉଦାହରଣ ସ୍ୱରୂପ : ୫ ସଂଖ୍ୟା ପାଇବା ପାଇଁ ଶିକ୍ଷକ ଯଦି ୨ କହିବେ ତେବେ ପିଲାମାନେ ୩ ଉତ୍ତର ଦେବେ । ସେହିପରି ଭାବରେ ୧୦ ସଂଖ୍ୟା ପାଇବା ପାଇଁ ଶିକ୍ଷକ ଯଦି ୪ କହିବେ ତେବେ ପିଲାମାନେ ୬ ଉତ୍ତର ଦେବେ । ଏବେ ପିଲାମାନେ ୧୦ର ପରବର୍ତ୍ତୀ ସଂଖ୍ୟାଗୁଡ଼ିକୁ ଗଣିବା ଆରମ୍ଭ କରିବେ । ଗୋଟିଏ ସଂଖ୍ୟାରେ ୧ ଯୋଗକଲେ ସେହି ସଂଖ୍ୟାର ଠିକ୍ ପରବର୍ତ୍ତୀ ସଂଖ୍ୟା ମିଳିଥାଏ ବୋଲି ପିଲାମାନଙ୍କୁ ଧାରଣା ଦେବେ ।

DRAFT

| | | |
|---|---|---|
|  | ୧୦ ଏବଂ ୩ ହେଉଛି | ୧୩ ତେର |
|  | ୧୦ ଏବଂ ୪ ହେଉଛି | ୧୪ ଚଉଦ |
|  | ୧୦ ଏବଂ ୫ ହେଉଛି | ୧୫ ପନ୍ଦର |
|  | ୧୦ ଏବଂ ୬ ହେଉଛି | ୧୬ ଷୋହଳ |
|  | ୧୦ ଏବଂ ୭ ହେଉଛି | ୧୭ ସତର |
|  | ୧୦ ଏବଂ ୮ ହେଉଛି | ୧୮ ଅଠର |
|  | ୧୦ ଏବଂ ୯ ହେଉଛି | ୧୯ ଉଣେଇଶ |
|  | ୧୦ ଏବଂ ୧୦ ହେଉଛି | ୨୦ କୋଡ଼ିଏ |

DRAFT

## ୧୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଲେଖ

| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
|---|---|---|---|---|---|---|---|---|---|
| | | | ୧୪ | | | | | ୧୯ | |
| | | | | | | ୧୭ | | | |
| ୧୧ | | | | | | | | | ୨୦ |
| | | ୧୩ | | | | | ୧୮ | | |
| | | | | ୧୫ | | | | | |
| | ୧୨ | | | | | | | ୧୯ | |

DRAFT


ପ୍ରକୃତ ବା ସ୍ଥୁଳ ବସ୍ତୁ, ଯଥା ଦଶ-ଟିକିଆ କାଠି ବିଡ଼ା ଓ ଖୋଲା କାଠି ବ୍ୟବହାର କରି ପିଲାମାନଙ୍କୁ ୨୦ ପର୍ଯ୍ୟନ୍ତ ସଂଖ୍ୟା ଗଣିବାପାଇଁ ସାହାଯ୍ୟ କରନ୍ତୁ । ଏଥିପାଇଁ ଆପଣ ୨୦ଟି ମଞ୍ଜି / ବୋତାମ / ଗୋଡ଼ି ଦେଇପାରିବେ । ପ୍ରଥମେ ତାଙ୍କୁ ବସ୍ତୁର ସଂଖ୍ୟା ଅନୁମାନ କରିବାକୁ କହନ୍ତୁ, ତାପରେ ସେମାନେ ୧୦ଟି ବସ୍ତୁକୁ ନେଇ ସମୂହ ବା ବିଡ଼ା କରି ଗଣିବେ । ତାଙ୍କ ଅନୁମାନ ଠିକ ହେଲା କି ? ପିଲାମାନେ ତାଙ୍କ ଅନୁମାନ କରିବାର କାରଣ କହିବେ ।



# ଗଣ ଓ ଲେଖ

୧. ବସ୍ତୁ ଗଣି ଉତ୍ତର ଲେଖ ।





୨. ଉଦାହରଣରେ ଦିଆଯାଇଥିବା ଭଳି କୋଠରିରେ ରଙ୍ଗ ଦିଅ ।

୧୨



୧୯

୧୬


୩. ସଂଖ୍ୟାଗୁଡ଼ିକୁ କ୍ରମରେ ଲେଖ ।

| | | | |
|---|---|---|---|
| ୧ | | ୩ | |
| ୮ | | ୬ | |
| ୯ | | | ୧୨ |
| | ୧୪ | | |
| | | | ୨୦ |

୪.   ୧୦ଟି ଚିତ୍ରକୁ ଗୋଟିଏ ମୁଣ୍ଡୁଳା ମଧ୍ୟରେ ରଖ ଓ ଡାହାଣ ପଟେ ଥିବା ସଂଖ୍ୟା ସହ ଯୋଡ଼ ।

| | |
|---|---|
|  | ୧୨ |
|  | ୧୬ |
|  | ୨୦ |
|  | ୧୦ |

୫.   ସାଙ୍ଗମାନେ ଦଳରେ ଖେଳିବାବେଳେ ବ୍ଲକ୍‌ଗୁଡ଼ିକୁ ଉପରକୁ ଉପର ଥୋଇ ଉଚ୍ଚା ଘର ତିଆରି କରୁଥିଲେ ।




କ.   ସବୁଠାରୁ ଉଚ୍ଚା ଘରଟିରେ ✓ ଚିହ୍ନ ଦିଅ ।

ଖ.   କେଉଁ ଘର ତିଆରିରେ ସବୁଠାରୁ ଅଧିକ ସଂଖ୍ୟକ ବ୍ଲକ ଲାଗିଛି ? ସେଥିରେ ବ୍ୟବହୃତ ବ୍ଲକଗୁଡ଼ିକର ସଂଖ୍ୟା ଲେଖ ।

ଗ.   କେଉଁ ଘର ତିଆରିରେ ସବୁଠାରୁ କମ ସଂଖ୍ୟକ ବ୍ଲକ ଲାଗିଛି ? ସେଥିରେ ବ୍ୟବହୃତ ବ୍ଲକର ସଂଖ୍ୟା ଲେଖ ।

DRAFT



## ଆସ କାମଟିକୁ କରିବା

୧. ସବୁଠାରୁ ସାନ ସଂଖ୍ୟାରେ ଗୋଲ ବୁଲାଅ ।

(କ) ୮, ୧୨, ୬ (ଖ) ୧୪, ୧୧, ୧୯

୨. ସବୁଠାରୁ ବଡ଼ ସଖ୍ୟାରେ ଗୋଲ ବୁଲାଅ ।

(କ) ୧୬, ୧୯, ୧୧ (ଖ) ୧୧, ୧୭, ୯

୩. ବିଲେଇ ପାଦ ତଳେ ଲୁଚି ରହିଥିବା ସଂଖ୍ୟାଗୁଡ଼ିକ ଲେଖ ।

| | |
|---|---|
| କ. | ____, ୧୫, ୧୬, ____, ୧୮ |
| ଖ. | ____, ୧୨, ____, ୧୪, ୧୫ |
| ଗ. | ୧୫, ____, ____, ____, ୧୯ |
| ଘ. | ୧୩, ____, ୧୫, ____, ____ |



୪. ଦିଆଯାଇଥିବା ସଂଖ୍ୟାଗୁଡ଼ିକୁ ବଡ଼ରୁ ସାନ କ୍ରମରେ ଲେଖ ।

୧୧, ୩, ୧୬, ୨୦, ୧୩, ୯


| | | | | | |
|---|---|---|---|---|---|
| | | | | | |


କେଉଁ ସଂଖ୍ୟାଟି ବଡ଼ ତାହା ପିଲାମାନେ ନିଜ ଉପାୟରେ ନିର୍ଣ୍ଣୟ କରନ୍ତୁ । ସେହି ସଂଖ୍ୟାଟିକୁ କାହିଁକି ବଡ଼ ବୋଲି ଭାବୁଛନ୍ତି, ତାହାର କାରଣ କହିବାକୁ କହନ୍ତୁ । ଏହା ନିହାତି ଭାବେ ବୁଝିବା ଦରକାର ଯେ ୧୫ ସଂଖ୍ୟାଟି ୧୧ ଠାରୁ ବଡ଼, କାରଣ ୧୧ ଠାରୁ ୪ ଅଧିକ ହେଉଛି ୧୫ । ଏହିପରି ଭାବରେ ୨୦ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକ ମଧ୍ୟରେ ବଡ଼ ସଂଖ୍ୟା ନିର୍ଣ୍ଣୟ କରିବେ ।



DRAFT

୫. ଚିତ୍ର ଗଣ ଏବଂ ସଂଖ୍ୟା ଲେଖ ।





(କ) ବସ୍ତୁଗୁଡ଼ିକର ସଂଖ୍ୟା ☐ । (ଖ) ଗୁଡ଼ିରେ ଧଳା ବିନ୍ଦୁ ସଂଖ୍ୟା ☐ ।

୬. ୧ ରୁ ୨୦ ପର୍ଯ୍ୟନ୍ତ ସଂଖ୍ୟାର ବିନ୍ଦୁଗୁଡ଼ିକୁ କ୍ରମରେ ଯୋଡ଼ ।




ଏହା ଏକ ପଶୁ ନା ପକ୍ଷୀ ?

ତୁମ ଅଞ୍ଚଳରେ ଏହାକୁ କ'ଣ କହନ୍ତି ?



## ପ୍ରକଳ୍ପ କାର୍ଯ୍ୟ

କ. ତୁମ ପରିବେଶରେ ଥିବା ଜିନିଷଗୁଡ଼ିକୁ ଲକ୍ଷ୍ୟ କରି କେଉଁ ଜିନିଷଗୁଡ଼ିକ ୧୦ର ସମୂହରେ ଅଛି, ତାହା ଚିହ୍ନଟ କର । ଯେପରି-ଟିକିଲି ପ୍ୟାକେଟ୍‌ରେ ୧୦ଟି ଟିକିଲି ଥାଏ ।

ଖ. ପୁରୁଣା କାର୍ଡ଼ବୋର୍ଡ଼ ବ୍ୟବହାର କରି ପ୍ରତ୍ୟେକ ପିଲାକୁ ନିଜ ନିଜର ସଂଖ୍ୟାକାର୍ଡ଼ (୧୧ରୁ ୨୦ ପର୍ଯ୍ୟନ୍ତ) ତିଆରି କରିବାକୁ କହନ୍ତୁ ।

**୧୦ରୁ ଅଧିକ ସଂଖ୍ୟକ ବସ୍ତୁକୁ ଗଣିବା ସମୟରେ ପ୍ରଥମେ ୧୦ଟି ଲେଖାଏଁ ବସ୍ତୁର ସମୂହ କରିବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।**



DRAFT

# ୪ ସଂଖ୍ୟାଟି କେତେ ?

## ଜେଜେବାପାଙ୍କ ସହିତ ବୁଲିବାକୁ ଯିବା










ପିଲାମାନେ ଚିତ୍ରକୁ ଦେଖିବେ ଏବଂ ପାର୍କରେ କି କି କାମ ହେଉଛି, ତାହା ଅନ୍ୟକୁ କହିବେ । ସେମାନେ ମଧ୍ୟ ପାର୍କରେ ଥିବା ଲୋକମାନଙ୍କ ବିଷୟରେ ଆଲୋଚନା କରିପାରନ୍ତି । ଯେପରି- ପ୍ରଥମ ଚିତ୍ରରେ କେତେ ଜଣ ପିଲା ଖେଳୁଛନ୍ତି ଓ ଆଉ କେତେଜଣ ସେମାନଙ୍କ ସହ ଯୋଗଦେଲେ । ଜେଜେବାପା ଓ ଜେଜେମାଙ୍କ ସହ ମିଶି ସମୟ କାଟିବାର ଗୁରୁତ୍ୱ ସଂପର୍କରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ ଏବଂ ସେମାନଙ୍କୁ କିପରି ସମ୍ମାନ ଦିଆଯିବ ସେ ବିଷୟରେ ମଧ୍ୟ ଆଲୋଚନା କରନ୍ତୁ ।

## ମୋଟ କେତେ ଜଣ ହେଲେ କହ । ଶୂନ୍ୟସ୍ଥାନ ପୂରଣ କର ।




୪ ଜଣ ପିଲା ଓ ୨ ଜଣ ପିଲା ମିଶି ମୋଟ ________ ଜଣ ପିଲା ହେଲେ ।

୪ + ୨ = ☐



୩ ଟି ନଟୁ ଓ ୧ ଟି ନଟୁ ମିଶି ମୋଟ ________ ଟି ନଟୁ ହେବ ।

୩ + ୧ = ☐



୩ ଟି ପିମ୍ପୁଡ଼ି ଓ ୨ ଟି ପିମ୍ପୁଡ଼ି ମିଶି ମୋଟ ________ ଟି ପିମ୍ପୁଡ଼ି ହେବ ।

୩ + ୨ = ☐



୪ ଟି ପେନସିଲ ଓ ୩ ଟି ପେନସିଲ ମିଶି ________ ଟି ପେନସିଲ ହେବ ।


୪ + ୩ = ☐

DRAFT

ମୋଟ ବସ୍ତୁର ସଂଖ୍ୟା ଜାଣିବା ପାଇଁ ଦୁଇଟି ଉପାୟ ବ୍ୟବହାର କରିବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ । ପ୍ରଥମେ, ଦୁଇଟି ସମୂହରେ ଥିବା ବସ୍ତୁକୁ ଏକାଠି କରି (ଏକତ୍ରୀକରଣ) ଓ ଦ୍ୱିତୀୟରେ ଗୋଟିଏ ସମୂହରେ ଥିବା ବସ୍ତୁରେ ଅଧିକ ସଂଖ୍ୟକ ବସ୍ତୁ ଯୋଗ କରି (ବର୍ଦ୍ଧିତକରଣ) ମୋଟ ସଂଖ୍ୟା ନିର୍ଣ୍ଣୟ କରିବେ । ଏହି ଉଭୟ ପ୍ରକାରର ଯୋଗ ସମ୍ବନ୍ଧୀୟ ସମସ୍ୟାର ଅଭ୍ୟାସ ପିଲାଙ୍କ ସହ କରାଯିବ ।




## ଯୋଗ କର ଓ ଚିତ୍ର ଆଙ୍କ



୬ ଟି ବଲ୍ ଓ ୨ ଟି ବଲ୍ ମିଶି ମୋଟ__________ଟି ବଲ୍ ହେବ ।

୬ + ୨ = ☐



୨ + ୧ = ☐

## ଆସ ଗଣିବା

୧. ତୁମ ବାପା ଓ ମା'ଙ୍କର ଭାଇ ଓ ଭଉଣୀ ମିଶି କେତେ ଜଣ ଅଛନ୍ତି ?

୨. ତୁମର ଏବଂ ତୁମ ସାଙ୍ଗର ପରିବାର ସଦସ୍ୟଙ୍କ ସଂଖ୍ୟା ମିଶି କେତେ ?


୩. ତୁମର ଦୁଇ ହାତ ଏବଂ ଦୁଇ ପାଦ ଆଙ୍ଗୁଠି ସଂଖ୍ୟା ମିଶି କେତେ ?

୪. ତୁମ ନିଜ ଆଙ୍ଗୁଠିକୁ ନେଇ କେତେ ପର୍ଯ୍ୟନ୍ତ ଗଣିପାରିବ ?


ପିଲାମାନଙ୍କୁ ମିଶାଣ ସମ୍ବନ୍ଧୀୟ ଉକ୍ତିଗୁଡ଼ିକୁ ଉଚ୍ଚ ସ୍ୱରରେ ପଢ଼ି ବୁଝିବା ପାଇଁ ଉତ୍ସାହିତ କରନ୍ତୁ । ଉଦାହରଣ ସ୍ୱରୂପ - ୪ ଜଣ ପିଲା ଓ ୨ ଜଣ ପିଲା ମିଶି ୬ ଜଣ ପିଲା ହେବେ ।

ସଂଖ୍ୟାମାନଙ୍କର ଯୋଗର ଚିତ୍ରିତ ଓ ଅମୂର୍ତ୍ତ ଉପସ୍ଥାପନ ପୂର୍ବରୁ ସେମାନଙ୍କଠାରେ 'ମୋଟ', ଯୋଗ, 'ସମୁଦାୟ' ଇତ୍ୟାଦି ଶବ୍ଦଗୁଡ଼ିକର ବିକାଶ ପାଇଁ ସ୍ଥୁଳ ବସ୍ତୁକୁ ନେଇ ପର୍ଯ୍ୟାପ୍ତ କାମ କରିବାର ସୁଯୋଗ ସୃଷ୍ଟି କରନ୍ତୁ । ଯୋଗ ପ୍ରକ୍ରିୟାରେ '+' ଓ '=' ଚିହ୍ନର ଉପଯୁକ୍ତ ବ୍ୟବହାର କରିବା ପାଇଁ ପିଲାମାନଙ୍କୁ ସୂଚନା ଦିଅନ୍ତୁ ।


## ମୋଟ ଆଙ୍ଗୁଠି ଗଣି ଲେଖ




୪ + ୩ =




୩ + ୨ =



୫ + ୩ =



୪ + ୦ =




୪ + ୪ =

DRAFT



## ଆସ ଖେଳିବା - ଲୁଡୁ ଗୋଟି ସାହାଯ୍ୟରେ ଯୋଗ




ପାଳି ଅନୁସାରେ ପିଲାମାନେ ଜଣଜଣ କରି ଦୁଇଟି ଲୁଡୁ ଗୋଟିକୁ ଏକାସାଙ୍ଗରେ ଗଡ଼ାଇବେ । ଦୁଇଟିଯାକ ଲୁଡୁଗୋଟିରେ ପଡୁଥିବା ବିନ୍ଦୁମାନଙ୍କୁ ମିଶାଇ କେତେ ହେଲା କହିବେ । ଏବେ, ଅନ୍ୟ ସାଙ୍ଗମାନଙ୍କୁ ସେହିଭଳି ଦୁଇଟି ଲୁଡୁଗୋଟି ଗଡ଼ାଇ ବିନ୍ଦୁମାନଙ୍କୁ ମିଶାଇବାକୁ କହ ଏବଂ କିଏ ସବୁଠାରୁ ବଡ଼ ସଂଖ୍ୟା ପାଇଲା ପଚାର ।

## ଆସ କାମଟିକୁ କରିବା

କିଶୋର ଏବଂ ନୀତା ସେହି ଲୁଡୁ ଗୋଟି ଖେଳ ଖେଳିଲେ । ଏଠାରେ ଲୁଡୁ ଗୋଟିର ବିନ୍ଦୁସଂଖ୍ୟା ଦିଆଯାଇଛି । କିଶୋର କେତେ ଥର ଜିତିଲା ଏବଂ ନୀତା କେତେଥର ଜିତିଲା , ଫଳାଫଳ ଫଳକରେ ( ✓ ) ଚିହ୍ନ ଦିଅ ।








| | କିଶୋର | ନୀତା |
|---|---|---|
| ୧. | ✓ | |
| ୨. | | |
| ୩. | | |
| ୪. | | |
| ୫. | | |

## ଆସ ମାଳି ନେଇ ମାଳା ତିଆରି କରିବା

ତଳେ ଦିଆଯାଇଥିବା ସଂଖ୍ୟା ଅନୁଯାୟୀ ମାଳାରେ ଥିବା ମାଳିକୁ ରଙ୍ଗ କର । ମୋଟ ରଂଗୀନ ମାଳିର ସଂଖ୍ୟା କେତେ ହେଲା କହ ।

୧. ୩+୪ = 



୨. ୪+୨ = 




୩. ୫+୪ = 



୪. ୨+୨ = 



୫. ୭+୩ = 



ପିଲାମାନଙ୍କୁ ମାଳା ଓ ମାଳି ସହିତ ଖେଳିବାକୁ ଉତ୍ସାହିତ କରନ୍ତୁ ।
ଯୋଗର ପ୍ରକ୍ରିୟା ଉପରେ ଧ୍ୟାନ ଦିଅନ୍ତୁ ଏବଂ ପିଲାମାନେ ବ୍ୟବହାର କରୁଥିବା ଉପାୟଗୁଡ଼ିକୁ ଆଲୋଚନା କରନ୍ତୁ ।



DRAFT

## ଡେଇଁ ଡେଇଁ ଯାଇ ଯୋଗଫଳ କେତେ ହେଲା କହ

୪ + ୨ =




୩ + ୨ =




୫ + ୩ =




୬ + ୩ =




DRAFT

## ନିଜ ଉପାୟରେ ଯୋଗ କର


ଅରୁଣ ଏବଂ ରୀନା ଦୁଇଟି ଭିନ୍ନ ଉପାୟରେ ସଂଖ୍ୟା ଯୋଗ କରୁଛନ୍ତି । ଯୋଗଫଳ ପାଇବା ପାଇଁ ସେମାନଙ୍କୁ ସାହାଯ୍ୟ କର ।



| | |
|---|---|
| ୨<br>+ ୩<br>___ | ୨ + ୩ = ___ |
| ୫<br>+ ୧<br>___ | ୫ + ୧ = ___ |
| ୩<br>+ ୩<br>___ | ୩ + ୩ = ___ |
| ୯<br>+ ୧<br>___ | ୯ + ୧ = ___ |

## ଆସ କାମଟିକୁ କରିବା

୧. ସଂଖ୍ୟାଯୋଡ଼ି ପୂରଣ କର ।




କୋଣାର୍କ ସୂର୍ଯ୍ୟ ମନ୍ଦିରର ରଥର ଚକ

୨. ଯୋଗ କର, ସମାନ ଯୋଗଫଳଗୁଡ଼ିକୁ ଗାର ଟାଣି ଯୋଡ଼ ।

| | | |
|---|---|---|
| ୧+୪ | ୫ | ୪+୨ |
| ୬+୩ | ୬ | ୩+୪ |
| ୫+୨ | ୭ | ୩+୨ |
| ୦+୬ | ୯ | ୫+୪ |

## ପ୍ରକଳ୍ପ କାର୍ଯ୍ୟ

୦ ରୁ ୯ ପର୍ଯ୍ୟନ୍ତ ଦଶଟି ସଂଖ୍ୟାକାର୍ଡ଼ ନିଅ । କାର୍ଡ଼ଗୁଡ଼ିକୁ ଏପରି ଭାବରେ ସଜାଅ ଯେପରି ସେମାନଙ୍କର ଯୋଗଫଳ ୯ ହେବ । ଏହିଭଳି ଯୋଗଫଳ ନିର୍ଣ୍ଣୟ କରିବାର ଅନେକ ଉପାୟ ଅଛି । ତୁମେ କେତେ ପ୍ରକାରରେ ଏହା କରିପାରିଲ ?

☐ + ☐ = ୯



☐ + ☐ + ☐ = ୯

☐ + ☐ = ୯

## ମିଶାଣ କାହାଣୀ

୧. ରାଘବ  ପାଖରେ ୪ଟି ଶଙ୍ଖ  ଏବଂ ସରିତା  ପାଖରେ ୫ଟି ଶଙ୍ଖ  ଅଛି ।
ସେମାନଙ୍କ ପାଖରେ ମୋଟ କେତୋଟି ଶଙ୍ଖ ଅଛି ? ☐

୨. ରଞ୍ଜିତ ପାଖରେ ୩ଟି କାଚଗୋଲି  ଏବଂ ମୀନାକ୍ଷି ପାଖରେ ୬ଟି କାଚଗୋଲି  ଅଛି ।
ସେମାନଙ୍କ ପାଖରେ ମୋଟ କେତୋଟି କାଚଗୋଲି ଅଛି ? ☐

୩. ଗୋଟିଏ ବ୍ୟାଗ୍‌ରେ ୩ଟି ନଡ଼ିଆ  ଅଛି । ଅନ୍ୟ ଗୋଟିଏ ବ୍ୟାଗ୍‌ରେ ୪ଟି ନଡ଼ିଆ  ଅଛି । ବ୍ୟାଗ୍ ଦୁଇଟିରେ ମୋଟ କେତୋଟି ନଡ଼ିଆ ଅଛି ? ☐

## ଆସ ଦେଖିବା, ବ୍ୟାଗ୍‌ଗୁଡ଼ିକରେ କ'ଣ ଅଛି ?

ଏହି କାମଟିକୁ ତୁମର ସାଙ୍ଗ ସହ ମିଶି କର ଓ ତଳେ ଉତ୍ତର ଲେଖ ।


୧. ମୋ ବ୍ୟାଗ୍‌ରେ  ....... ଟି ବହି ଅଛି ଏବଂ ମୋର ସାଙ୍ଗର ବ୍ୟାଗରେ.......ଟି ବହି ଅଛି ।
ଆମ ଦୁହିଁଙ୍କର ବ୍ୟାଗରେ ମୋଟ------- ଟି ବହି ଅଛି ।

୨. ମୋ ପାଖରେ ....... ଟି ପେନ୍‌ସିଲ୍ ଅଛି ଏବଂ ମୋର ସାଙ୍ଗ ପାଖରେ ....... ଟି ପେନ୍‌ସିଲ୍ ଅଛି ।
ଆମ ଦୁଇଜଣଙ୍କର ମୋଟ ....... ଟି ପେନ୍‌ସିଲ୍ ଅଛି ।

୩. ମୋର .......ଟି ଖାତା ଅଛି ଏବଂ ମୋ ସାଙ୍ଗର....... ଟି ଖାତା ଅଛି । ଆମ ଦୁଇଜଣଙ୍କ ପାଖରେ ମୋଟ ....... ଟି ଖାତା ଅଛି ।



## ଚିନ୍ତା କରି କାମଟିକୁ କର ।




ପାର୍ଶ୍ୱସ୍ଥ ସାରଣୀର କୋଠରିଗୁଡ଼ିକରେ ୧, ୨, ୩ କୁ ଏପରି ଭାବରେ ଲେଖ ଯେପରି, ଉପରୁ ତଳକୁ, ବାମରୁ ଡାହାଣକୁ ଓ ଗୋଟିଏ କୋଣରୁ ଆଉ ଗୋଟିଏ କୋଣରେ ଥିବା ସଂଖ୍ୟାଗୁଡ଼ିକୁ ମିଶାଇଲେ ଯୋଗଫଳ ୬ ହେବ ।

ଏହି କାର୍ଯ୍ୟଟିକୁ ଯୋଡ଼ିରେ କରାଯାଇପାରେ । ପିଲାମାନଙ୍କୁ ସେମାନଙ୍କର ନିଜର ପ୍ରଶ୍ନ ତିଆରି କରିବାକୁ ଉତ୍ସାହିତ କରନ୍ତୁ । ପୃଥିବୀର ସର୍ବ ପୁରାତନ କୋଣାର୍କ ସୂର୍ଯ୍ୟମନ୍ଦିର ବିଷୟରେ ମଧ୍ୟ ଶ୍ରେଣୀରେ ଆଲୋଚନା କରନ୍ତୁ । ପୃଷ୍ଠା ୫୬ରେ ଥିବା ଓଡ଼ିଶାର କୋଣାର୍କ ସୂର୍ଯ୍ୟ ମନ୍ଦିରର ରଥରେ ଥିବା ଚକ ଚିତ୍ରକୁ ବ୍ୟବହାର କରନ୍ତୁ ।



# ପାଞ୍ଚଟି ଛୋଟ ପିଲା

ଆଗକୁ ଆଗକୁ ଗାଡ଼ି ଗଡ଼ିଲା
ଗାଡ଼ିରେ ଥିଲେ ପାଞ୍ଚଟି ପିଲା
ତାଳି ମାରୁଥିଲେ, ଖୁସି ହେଉଥିଲେ
ଗାଡ଼ି ଅଟକିଲା, ଜଣେ ଓହ୍ଲାଇଲା
ଆଉ ରହିଲେ ଚାରୋଟି ପିଲା ।






ଆଗକୁ ଆଗକୁ ଗାଡ଼ି ଗଡ଼ିଲା
ଗାଡ଼ିରେ ଥିଲେ ଚାରୋଟି ପିଲା
ଗୀତ ଗାଉଥିଲେ, ମଜା କରୁଥିଲେ
ଗାଡ଼ି ଅଟକିଲା, ଜଣେ ଓହ୍ଲାଇଲା
ଆଉ ରହିଲେ ତିନୋଟି ପିଲା ।

ଆଗକୁ ଆଗକୁ ଗାଡ଼ି ଗଡ଼ିଲା
ଗାଡ଼ିରେ ଥିଲେ ତିନୋଟି ପିଲା
ବ୍ୟାଗ୍ ଧରିଥିଲେ, ଜୋତା ପିନ୍ଧିଥିଲେ
ଗାଡ଼ି ଅଟକିଲା, ଜଣେ ଓହ୍ଲାଇଲା
ଆଉ ରହିଲେ ଦୁଇଟି ପିଲା ।



DRAFT

ଆଗକୁ ଆଗକୁ ଗାଡ଼ି ଗଡ଼ିଲା
ଗାଡ଼ିରେ ଥିଲେ ଦୁଇଟି ପିଲା
ଗୀତ ଗାଉଥିଲେ, ଗପ କରୁଥିଲେ
ଗାଡ଼ି ଅଟକିଲା, ଜଣେ ଓହ୍ଲାଇଲା
ଏଥର ବଳିଲା ଗୋଟିଏ ପିଲା



ଆଗକୁ ଆଗକୁ ଗାଡ଼ି ଗଡ଼ିଲା
ଗାଡ଼ିରେ ଥିଲା ଗୋଟିଏ ପିଲା
ଦୁଃଖ କରୁଥିଲା, ଖୁସି ହେଉଥିଲା
ଗାଡ଼ି ରହିଲା, ସିଏ ଓହ୍ଲାଇଲା
ଆଉ ନ ରହିଲେ କେହି ପିଲା ।

## ଆସ କଥା ହେବା

୧. ଆରମ୍ଭରେ ଗାଡ଼ିରେ କେତେ ଜଣ ପିଲା ଥିଲେ ?
୨. ପ୍ରଥମ ଥର ଗାଡ଼ି ରହିବା ବେଳେ କେତେ ଜଣ ପିଲା ଗାଡ଼ିରୁ ଓହ୍ଲାଇଲେ ?
୩. ପ୍ରଥମ ଥର ଗାଡ଼ିରୁ ଓହ୍ଲେଇଲା ପରେ ଆଉ କେତେ ଜଣ ପିଲା ଗାଡ଼ିରେ ରହିଲେ ?
୪. ଦ୍ୱିତୀୟ ଥର ଗାଡ଼ି ରହିବା ପରେ ଗାଡ଼ିରେ କେତେ ପିଲା ବଳକା ରହିଲେ ? ତୃତୀୟ, ଚତୁର୍ଥ ଓ ପଞ୍ଚମ ଥର ଗାଡ଼ି ରହିବା ପରେ କେତେ ଜଣ ଲେଖାଏଁ ପିଲା ଓହ୍ଲାଇଲେ ଓ ପ୍ରତ୍ୟେକ ଥର କେତେ ଜଣ ପିଲା ବଳକା ରହିଲେ ?
୫. ଶେଷରେ ଗାଡ଼ିରେ କେତେ ପିଲା ରହିଲେ ?

## ପ୍ରକଳ୍ପ କାର୍ଯ୍ୟ

ତୁମ ଘରେ କେତେ ଜଣ ଲୋକ ଅଛନ୍ତି ? ସେମାନଙ୍କ ମଧ୍ୟରୁ କେତେ ଜଣ କାମ କରିବାକୁ ବାହାରକୁ ଯାଆନ୍ତି, କେତେ ଜଣ ବିଦ୍ୟାଳୟକୁ ଯାଆନ୍ତି ଓ କେତେ ଜଣ ସେହି ସମୟରେ ଘରେ ରହନ୍ତି ?

# ଆସ କାମଟିକୁ କରିବା

## କେତେ ରହିଲା ?

୧. ଖାଲି ସ୍ଥାନ ପୂରଣ କର ।

କ)



୬ଟି ବେଙ୍ଗ ଥିଲେ ।  ୨ଟି ଡେଇଁ ଡେଇଁ ପଳେଇଲେ ।  ______ ଟି ରହିଲେ ।

୬ - ୨ = ______


ଖ)



୭ଟି ବେଲୁନ୍ ଥିଲା ।  ______ ଟି ଉଡ଼ିଗଲା ।  ୫ଟି ବେଲୁନ୍ ରହିଲା ।

୭ - ୨ = ______

ଗ)



୯ଟି କଦଳୀ ଥିଲା ।  ହାତୀ ୬ଟି କଦଳୀ ନେଇଗଲା ।  ଆଉ ______ ଟି କଦଳୀ ରହିଲା ।

୯ - ୬ = ______

DRAFT

୨. ବଳକା ବସ୍ତୁଗୁଡ଼ିକୁ ଚିତ୍ରରେ ଦେଖାଅ ଏବଂ ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର ।

କ)



______ ଟି ଫୁଲକୁଣ୍ଡ । ______ ଟି ଫୁଲକୁଣ୍ଡ ଭାଙ୍ଗିଗଲା । ______ ଟି ରହିଲା ।

୩ - ______ = ______

ଖ)



୭ଟି ଲଡ୍ଡୁ  ୪ଟି ଲଡ୍ଡୁ ଖାଇଲା । ______ଟି ଲଡ୍ଡୁ ବଳକା ରହିଲା ।

୭ - ୪ = ______

ଗ)



୭ଟି ବଲ୍ ଥିଲା । ______ ଟି ନେଇଗଲେ । ______ ଟି ବଳକା ରହିଲା ।

୭ - ______ = ______

୩. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।


କ) ମନୀଷା  ପାଖରେ ୯ଟି କଦଳୀ  ଥିଲା । ସେ ୩ଟି କଦଳୀ ଖାଇଦେଲା । ତା' ପାଖରେ ଆଉ କେତୋଟି କଦଳୀ ବଳିଲା ?

ଖ) ଫୁଲ ଉପରେ ୮ଟି ପ୍ରଜାପତି  ଥିଲେ । ୫ଟି ଉଡ଼ିଗଲେ । ଆଉ କେତୋଟି ପ୍ରଜାପତି ରହିଲେ ?




DRAFT

## ଆସ କାମଟିକୁ କରିବା

ଦଶଟି ବିନ୍ଦୁଥିବା ଗୋଟିଏ କାର୍ଡ଼ ତିଆରି କର । ସେହି ବିନ୍ଦୁମାନଙ୍କ ଭିତରୁ କିଛି ବିନ୍ଦୁ ଉପରେ ହାତରଖି ଲୁଚାଇ ଦିଅ । ଏବେ ପଚାର, କେତୋଟି ବିନ୍ଦୁ ଲୁଚିଯାଇଛି ?



**କେତୋଟି ବିନ୍ଦୁ ଲୁଚିଯାଇଛି ଏବଂ କେତୋଟି ବିନ୍ଦୁ ଦେଖାଯାଉଛି ?**

| ମୋଟ ବିନ୍ଦୁ ୧୦ଟି | ଲୁଚିଯାଇଥିବା ବିନ୍ଦୁ କେତୋଟି | ଦେଖାଯାଉଥିବା ବିନ୍ଦୁ କେତୋଟି |
|---|---|---|
|  | ୦ | ୧୦ |
|  | | |
|  | | |
|  | | |




## ପ୍ରକଳ୍ପ କାର୍ଯ୍ୟ


ପିଲାମାନଙ୍କୁ ୮ଟି ବିନ୍ଦୁକୁ ନେଇ ଏକ ଫ୍ରେମ୍ ତିଆରି କରିବାକୁ କହନ୍ତୁ । ବର୍ତ୍ତମାନ ସେମାନେ ନିଜ ହାତ କିମ୍ବା ରୁମାଲ ବ୍ୟବହାର କରି ଅଳ୍ପ କେତୋଟି ବିନ୍ଦୁକୁ ଲୁଚାଇବେ । ଦେଖନ୍ତୁ କେତୋଟି ବିନ୍ଦୁ ଲୁଚିଯାଇଛି ଏବଂ କେତୋଟି ବିନ୍ଦୁ ଦେଖାଯାଉଛି । ସଂଖ୍ୟାରେ କୌଣସି ସଂରଚନା ଅଛି କି ? ଅନ୍ୟ ସଂଖ୍ୟା ନେଇ ଏହି କାର୍ଯ୍ୟକୁ ଆଗକୁ ବଢ଼ାନ୍ତୁ । ବିନ୍ଦୁଗୁଡ଼ିକ ନ ଲୁଚାଇ ଏହିଭଳି କାର୍ଯ୍ୟ କରିବା ସମ୍ଭବ କି ?

DRAFT

## ସଂଖ୍ୟାପଟି ଉପରେ ପଛକୁ ଡେଇଁ ଡେଇଁ ଯାଅ ।




୧. ୯ ରୁ ୩ ଟି ଘର ପଛକୁ ଯାଅ ।




୯ - ୩ = ୬

୨. ୭ ରୁ ୪ଟି ଘର ପଛକୁ ଯାଅ ।




୭ - ୪ = ______

୩. ନିଜ ଉପାୟରେ ଫେଡ଼ାଣ କର :

କ. ୮ - ୨ = ______

ଖ. ୭ - ୩ = ______

ଗ. ୯ - ୫ = ______

ଘ. ୬ - ୩ = ______

ଙ. ୫ - ୧ = ______

ଚ. ୪ - ୨ = ______

# ୬ ପନିପରିବା ବଗିଚା




ରୁବି ଓ ବୁବୁ କ୍ଷେତରୁ ପନିପରିବା ତୋଳିବା ପାଇଁ ପରସ୍ପରକୁ ସାହାଯ୍ୟ କରନ୍ତି । ପ୍ରତ୍ୟେକ ଗୋଟିଏ ଲେଖାଏଁ ଝୁଡ଼ି ନେଇ ପନିପରିବା ତୋଳିଲେ । ଆସ ଦେଖିବା, ଦୁହେଁ କେତେ ପନିପରିବା ତୋଳିଛନ୍ତି ।


୧.



ରୁବିର ଝୁଡ଼ି



ବୁବୁର ଝୁଡ଼ି





ଦୁଇଜଣଙ୍କର ଝୁଡ଼ିର ଟମାଟୋ

୭ଟି ଟମାଟୋ ଓ ୫ଟି ଟମାଟୋ ମିଶି ୧୨ଟି ଟମାଟୋ ହେଲା ।

୭ + ୫ = ______

୨.







ଗୋଟିଏ ଝୁଡ଼ିରେ ୯ଟି ଗାଜର ଓ ଅନ୍ୟ ଏକ ଝୁଡ଼ିରେ ୪ଟି ଗାଜର ଅଛି । ମୋଟ କେତୋଟି ଗାଜର ଅଛି ?

୯ + ୪ = ______

୩.





୪. ଗୋଟିଏ ଝୁଡ଼ିରେ ୮ଟି ମୂଳା ଓ ଅନ୍ୟ ଏକ ଝୁଡ଼ିରେ ୮ଟି ମୂଳା ଅଛି । ମୋଟ କେତୋଟି ମୂଳା ଅଛି ?

୮ + ୮ = ______



## ପ୍ରକଳ୍ପ କାର୍ଯ୍ୟ

ତୁମ ଘରେ, ବିଦ୍ୟାଳୟରେ କିମ୍ବା ନିକଟସ୍ଥ ସ୍ଥାନରେ ଯେ କୌଣସି ପନିପରିବା ଚାରା / ଗଛ ଲଗାଅ । ନିଜ ଅନୁଭୂତିକୁ ପରିବାରର ଅନ୍ୟ ସଦସ୍ୟଙ୍କୁ କହ ଓ ଚାରାର ଯତ୍ନ ନିଅ । ତୁମେ ବଢୁଥିବା ଗଛଗୁଡ଼ିକର ଚିତ୍ର ଆଙ୍କି ପାରିବ ବା ଫଟୋ ଉଠାଇ ରଖିପାରିବ ।



DRAFT

# ମାଳି ଓ ମାଳା

## ଆସ ଖେଳିବା ।


ତୁମେ ଏହି ମାଳା ବ୍ୟବହାର କରି ୧୨ ସହିତ ୪କୁ କିପରି ଯୋଗ କରିପାରିବ ?
୧୦


ମୁଁ ପ୍ରଥମେ ୧୨ଟି ମାଳି ଗଣିଲି ଏବେ ଆଉ ୪ଟି ମାଳି ଗଣୁଛି-
୧୩, ୧୪, ୧୫, ୧୬
୧୨


## ମାଳାରେ ତୁମେ କିପରି ଏହି ସଂଖ୍ୟାଗୁଡ଼ିକ ମିଶାଇ ପାରିବ, ଦେଖାଅ ।

୧୩ + ୪ =

୧୪ + ୫ =

୬ + ୮ =

୫ + ୭ =




## ସଂଖ୍ୟା ପଟିରେ ଡେଇଁ ଡେଇଁ ଯୋଗଫଳ କେତେ ହେବ ଲେଖ ।

| | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |

୮ + ୫ = ୧୩      ୫ + ୩ = ୮

୧୩ + ୩ = ☐      ☐ + ☐ = ୧୩

୨ + ୧୬ = ☐      ☐ + ☐ = ୧୦

୪ + ୧୨ = ☐      ☐ + ☐ = ୧୮

## ନିଜ ପସନ୍ଦର ଉପାୟରେ ମିଶାଅ ।

୧. ସପନି ପାଖରେ ୧୨ଟି ରଙ୍ଗୀନ୍ ପେନ୍ସିଲ  ଅଛି । ଗୌରୀ ପାଖରେ ୬ଟି ରଙ୍ଗୀନ୍ ପେନ୍ସିଲ୍  ଅଛି । ଦୁଇଜଣଙ୍କ ପାଖରେ ମୋଟ କେତୋଟି ପେନ୍ସିଲ୍ ଅଛି ?




ସପନି ୧୨ ଗଣି ସାରିବା ପରେ ୬ ଅଧିକ ଗଣି ମୋଟ ୧୮ ପାଇଲା ।

୧୨ + ୬ = ୧୮

ଯୋଗର ପ୍ରକ୍ରିୟା ବିଷୟରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ । ପିଲାମାନେ କିପରି ୧୨ ଗଣିଛନ୍ତି ଓ ତାପରେ କିପରି ୪ ଅଧିକ ଯୋଗକଲେ, ସେମାନେ ବ୍ୟବହାର କରୁଥିବା ବିଭିନ୍ନ ଉପାୟ ବିଷୟରେ ବିସ୍ତୃତ ଆଲୋଚନା କରନ୍ତୁ ।



ଗୌରୀ ଏହିଭଳି ଉପାୟରେ ଯୋଗ କଲା-

୧୨ + ୬

୧୦ + ୨ + ୬

୧୦ + ୮ = ୧୮




ତୁମେ ଏହାକୁ ଅନ୍ୟ କୌଣସି ଉପାୟରେ କରିପାରିବ କି ? ଚେଷ୍ଟା କର । ତୁମ ଶିକ୍ଷକଙ୍କ ସହିତ ଏ ସଂପର୍କରେ ଆଲୋଚନା କର ।



୨. ଅମନ ପାଖରେ ୮ଟି ଲଡୁ ଥିଲା ଏବଂ ରଣଜିତ୍ ଆଉ ୬ଟି ଲଡୁ ଆଣିଲା । ତେବେ ଦୁଇଜଣଙ୍କର ଲଡୁ ମିଶି କେତୋଟି ହେଲା ? [ ]



୩. ମୀନା ପାଖରେ ୧୨ଟି ଚୁଡ଼ି ଅଛି, ସେ ତା' ଭଉଣୀଠାରୁ ଆଉ ୬ଟି ଚୁଡ଼ି ଆଣିଲା । ଏବେ ତା' ପାଖରେ କେତୋଟି ଚୁଡ଼ି ହେଲା ? [ ]




## ଆସ କାମଟିକୁ କରିବା


ବଣଭୋଜି ପାଇଁ ତୁମ ପସନ୍ଦର କେଉଁ କେଉଁ ଜିନିଷ ଆଣିବାକୁ ଚାହୁଁଛ, ତୁମ ସାଙ୍ଗ ସହିତ ଆଲୋଚନା କର । ତୁମେ ବଣଭୋଜିକୁ ନେବାକୁ ଚାହୁଁଥିବା ଜିନିଷଗୁଡ଼ିକର ଚିତ୍ର ଅଙ୍କନ କର ଏବଂ ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ଖାଇହେବ, ସେମାନଙ୍କର ସଂଖ୍ୟା ଲେଖ । [ ]

## ଫେଡ଼ାଣ (ବିୟୋଗ)


ଅଧିକ ସଂଖ୍ୟାନେଇ କେତେଗୁଡ଼ିଏ ଫେଡ଼ାଣ କର ।




୧୫ – ୯ = ୬

୧. 


୧୬ - ୪ = ☐

୨. 

୧୨ - ୫ = ☐

୩. 

୧୪ - ୭ = ☐

୪. 

୧୬ - ୬ = ☐

୫. 

୧୫ - ୫ = ☐

୬. ୧୫ - ୦ = ☐

୭. ୧୭ - ୯ = ☐

୮. ୧୩ - ୩ = ☐

DRAFT



## ଡିଆଁ-କୁଦା ଖେଳ

ଅନୀତା ଓ ସୁନୀତା ଡିଆଁ କୁଦା ଖେଳ ଖେଳୁଛନ୍ତି ।




| | | | | | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |

## ଆସ କାମଟିକୁ କରିବା

ଖେଳପଡ଼ିଆରେ କିମ୍ବା ଘରେ ଏକ ସଂଖ୍ୟାପଟି ପ୍ରସ୍ତୁତ କର । ଉପର ଖେଳ ଭଳି ଭିନ୍ନ ଭିନ୍ନ ଉପାୟରେ ତୁମେ କିପରି ସମାନ ସଂଖ୍ୟା ଘରେ ପହଞ୍ଚିବ, ସ୍ଥିର କର ।

### ମିଶାଅ, ଫେଡ଼ାଣ କର ଓ ମିଳାଅ ।

| | | |
|---|---|---|
| ୮ + ୭ = | ୧୨ | ୧୫ − ୩ = |
| ୯ + ୯ = | ୧୫ | ୧୮ − ୧ |
| ୧୦ + ୨ = | ୧୪ | ୧୭ − ୨ |
| ୧୬ + ୧ = | ୧୭ | ୧୮ − ୦ |
| ୧୧ + ୩ = | ୧୮ | ୧୬ − ୨ |

ସମାନ ପ୍ରକାର ପ୍ରଶ୍ନ ପ୍ରସ୍ତୁତ କରନ୍ତୁ ଏବଂ ପିଲାମାନଙ୍କୁ ସେହି ପ୍ରଶ୍ନଗୁଡ଼ିକର ସମାଧାନ ନିଜ ଉପାୟରେ କରିବାକୁ କହନ୍ତୁ ।

## ହିସାବ କଥା

**ତୁମ ଉତ୍ତରକୁ କୋଠରି ମଧ୍ୟରେ ଲେଖ**

୧. ଜଣେ ଦୀପ ବିକାଳିଙ୍କ ପାଖରେ ୯ଟି ଦୀପ ଥିଲା । ସେଥିରୁ ସେ ୫ଟି ଦୀପ ବିକିଦେଲେ । ତା'ପରେ ସେ ଆଉ ଅଧିକ ୭ଟି ଦୀପ ତିଆରି କଲେ । ତେବେ ତାଙ୍କ ପାଖରେ କେତୋଟି ଦୀପ ରହିଲା ? [ ]



୨. ରାଇମତୀକୁ ତା'ର ମାମୁଁ ୬ଟି ଚକୋଲେଟ ଦେଲେ । ତା'ର ମାଇଁ ତାକୁ ୮ଟି ଚକୋଲେଟ୍ ଦେଲେ । ମୋଟ ଚକୋଲେଟରୁ ସେ ତା'ର ଭଉଣୀ ପୁଲେକୁ ୭ଟି ଚକୋଲେଟ୍ ଦେଇଦେଲା । ରାଇମତୀ ପାଖରେ ଆଉ କେତୋଟି ଚକୋଲେଟ୍ ରହିଲା ? [ ]



୩. ୧୮ଟି ସିଟ୍ ଥିବା ଗୋଟିଏ ବସ୍‌ରେ ୯ ଜଣ ପିଲା ବସିଛନ୍ତି । ସେ ବସ୍‌ରେ ଆଉ କେତେ ଜଣ ପିଲା ବସିପାରିବେ ? [ ]

୪. ରୀତା ପାଖରେ ୧୪ଟି ଲଡୁ ଥିଲା । ସେ ସେଥିରୁ କିଛି ଲଡୁ ତା' ସାଙ୍ଗମାନଙ୍କ ମଧ୍ୟରେ ବାଣ୍ଟିଦେଲା । ସେ ଦେଖିଲା ତା' ପାଖରେ ଆଉ ୫ଟି ଲଡୁ ଅଛି । ତେବେ ସେ ତା' ସାଙ୍ଗମାନଙ୍କୁ କେତୋଟି ଲଡୁ ଦେଇଦେଲା ? [ ]


୫. ରମେଶ ପାଖରେ ୧୨ଟି କଦଳୀ ଥିଲା । ସେଥିରୁ ସେ କିଛି ଖାଇଦେଲା । ତା'ପରେ ଦେଖିଲା ତା' ପାଖରେ ଆଉ ୫ଟି କଦଳୀ ବଳିଛି । ତେବେ ସେ କେତୋଟି କଦଳୀ ଖାଇଥିଲା ? [ ]



# ୭ ଲୀନାର ପରିବାର

## ଲୀନାର ପରିବାର ଲୋକମାନଙ୍କର ଭେଟାଭେଟି

ଲୀନା ତା' ପରିବାର ସହିତ ଗାଁରେ ରହେ । ସେ ତା' ଜେଜେବାପା, ଜେଜେମାଆ, ପିତା, ମାତା ଏବଂ ଭାଇ ସାନୁ ସହିତ ରହେ । ତାଙ୍କ ଘର ପାଖରେ ଦାଦା, ଖୁଡ଼ି ଓ ସଂପର୍କୀୟମାନେ ରହନ୍ତି ।



ଲୀନା ଛୋଟ ଟେବୁଲ୍ ଉପରେ ଠିଆ ହୋଇଛି । ସେ ଉଚ୍ଚା ହେବାକୁ ଚାହୁଁଛି । ପରିବାରର ଲୋକମାନଙ୍କ ମଧ୍ୟରୁ ସବୁଠାରୁ ଉଚ୍ଚା କିଏ ଚିହ୍ନାଅ ଓ ଗୋଲ ବୁଲାଅ ।

ଲୀନା ତାଙ୍କ ପରିବାରର ସମସ୍ତଙ୍କୁ ଏକାଠି ହେବାକୁ ନିମନ୍ତ୍ରଣ କରିଥିଲା ।



## ଆସ କଥା ହେବା

୧. ଲୀନାର ପରିବାରରେ କେତେ ଜଣ ଲୋକ ଅଛନ୍ତି ?

୨. ପରିବାରର ସବୁଠାରୁ ଡେଙ୍ଗା ଲୋକଙ୍କ ଉପରେ (✓) ଚିହ୍ନ ଦିଅ ।

୩. ପରିବାରର ସବୁଠାରୁ କମ୍ ଉଚ୍ଚତାର ଲୋକଙ୍କ ମୁଣ୍ଡରେ ଏକ ଟୋପି ଅଙ୍କନ କର ।

୪. ଲୀନାର ମା'ଙ୍କଠାରୁ ଅଧିକ ଉଚ୍ଚା କିନ୍ତୁ ଲୀନା ବାପାଙ୍କଠାରୁ କମ୍ ଉଚ୍ଚା ହୋଇଥିବା ଲୋକମାନଙ୍କୁ ଚିହ୍ନାଅ ।

୫. ତୁମ ପରିବାରର ସବୁଠାରୁ ଅଧିକ ଉଚ୍ଚା ଏବଂ ସବୁଠାରୁ କମ୍ ଉଚ୍ଚା କିଏ କହ ।

୬. ତୁମ ଶ୍ରେଣୀର ସବୁଠାରୁ ଡେଙ୍ଗା ପିଲାଟି କିଏ ?

୭. ତୁମ ଶ୍ରେଣୀରେ ତୁମଠାରୁ ଅଧିକ ଉଚ୍ଚା ପିଲା କେତେଜଣ ଅଛନ୍ତି ?




ଲୀନା ପାହାଡ଼ିଆ ଅଞ୍ଚଳର ଏକ କୁଡ଼ିଆରେ ରହେ । ଦିଆଯାଇଥିବା ଚିତ୍ରରେ ତାଙ୍କର ଘରକୁ ଚିହ୍ନିପାରିବ କି ? ଠିକ ଉତ୍ତରଟିରେ ଗୋଲ୍ ବୁଲାଅ ।

୧. ତା' ଘରଟି ଦୋକାନ ଠାରୁ **ପାଖରେ / ଦୂରରେ** ଏବଂ ବିଦ୍ୟାଳୟଠାରୁ **ପାଖରେ / ଦୂରରେ** ଅଛି ।

୨. ବିଦ୍ୟାଳୟଟି ଦୋକାନଠାରୁ **ପାଖରେ / ଦୂରରେ** ଅଛି ଏବଂ ନାଲି ଛାତ ଘରଠାରୁ **ପାଖରେ / ଦୂରରେ** ଅଛି ।

୩. ପିଲାଟି ବସ୍‌ଠାରୁ **ପାଖରେ / ଦୂରରେ** ଏବଂ ବିଦ୍ୟାଳୟଠାରୁ **ପାଖରେ / ଦୂରରେ** ଅଛି ।

## ଜାଣିବା କଥା

ଏହା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କର ପ୍ରତିମୂର୍ତ୍ତି । ଏହାକୁ "ଜାତୀୟ ଏକତା"ର ପ୍ରତିମୂର୍ତ୍ତି ମଧ୍ୟ କୁହାଯାଏ । ଏହା ପୃଥିବୀର ଉଚ୍ଚତମ ପ୍ରତିମୂର୍ତ୍ତି ଏବଂ ଏହା ଭାରତର ଗୁଜୁରାଟ ରାଜ୍ୟରେ ଅଛି ।




## ଆସ କାମଟିକୁ କରିବା

୧. ସବୁଠାରୁ ଲମ୍ବାଟିରେ ଠିକ ଚିହ୍ନ ✓ ଦିଅ ।

(କ)




(ଖ)



୨. ସବୁଠାରୁ ଛୋଟଟିରେ ଠିକ ଚିହ୍ନ ✓ ଦିଅ ।

(କ)




(ଖ)




୩. ସବୁଠାରୁ ମୋଟାଟିରେ ଠିକ ଚିହ୍ନ ✓ ଦିଅ ।

(କ)




(ଖ)




୪. ସବୁଠାରୁ ପତଳାଟିରେ ଠିକ ଚିହ୍ନ ✓ ଦିଅ ।

(କ)



(ଖ)



DRAFT

# ଚିନ୍ତା କରି କାମଟିକୁ କର

ଦିଆଯାଇଥିବା ଚିତ୍ରଠାରୁ ଅଧିକ ଲମ୍ବର ବାଡ଼ି କିମ୍ବା ବାଉଁଶର ଚିତ୍ର ଅଙ୍କନ କର ।




ଦିଆଯାଇଥିବା ଦଉଡ଼ିଠାରୁ ଛୋଟ ଦଉଡ଼ିର ଚିତ୍ର ଅଙ୍କନ କର ।




ଜେଜେମାଆ, ଚମେଲିର ସ୍ୱେଟରଟିର ଲମ୍ବ ଜାଣିବା ପାଇଁ ଚାଖଣ୍ଡରେ ମାପୁଛନ୍ତି ।




ବାଡ଼ି, ଟେବୁଲ୍, ପେନ୍ସିଲ୍ ଓ ଖାତାର ଲମ୍ବ ଜାଣିବା ପାଇଁ ଚମେଲି ଚାଖଣ୍ଡ ବ୍ୟବହାର କରୁଛି ।



DRAFT

## ଚିନ୍ତା କରି ଉତ୍ତର ଦିଅ

୧. ମୋ ଟେବୁଲ୍‌ର ଲମ୍ବ ............. ଚାଖଣ୍ଡ ।

୨. ମୋ ବ୍ୟାଗ୍‌ର ଲମ୍ବ ............ ଚାଖଣ୍ଡ ।

୩. ମୋ ଶ୍ରେଣୀର କଳାପଟାର ଲମ୍ବ ........ ଚାଖଣ୍ଡ ।

୪. ମୋ ଗଣିତ ବହିର ଲମ୍ବ ............. ଚାଖଣ୍ଡ ।

୫. ମୋ ବାହୁର ଲମ୍ବ .............. ଚାଖଣ୍ଡ ।





୬. ମୋ ସାଙ୍ଗର ବାହୁର ଲମ୍ବ .............. ଚାଖଣ୍ଡ ।

ତଳେ ଦିଆଯାଇଥିବା ବସ୍ତୁଗୁଡ଼ିକର ଲମ୍ବ ଜାଣିବା ପାଇଁ ଚମେଲି ଚାଖଣ୍ଡ ବ୍ୟବହାର କରିପାରିବ କି ? ତୁମ ଚାରିପାଖରେ ଥିବା ବସ୍ତୁଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକର ଲମ୍ବ ଚାଖଣ୍ଡଠାରୁ କମ୍ କହ । ଏହି ଜିନିଷଗୁଡ଼ିକର ଲମ୍ବ ମାପିବା ପାଇଁ ଆମେ ଆଙ୍ଗୁଠି ବ୍ୟବହାର କରିପାରିବା କି ?



## ଆସ କାମଟିକୁ କରିବା

ନିମ୍ନଲିଖିତ ବସ୍ତୁଗୁଡ଼ିକର ଦୈର୍ଘ୍ୟ ମାପିବା ପାଇଁ ଚାଖଣ୍ଡ କିମ୍ବା ଆଙ୍ଗୁଠି ମଧ୍ୟରୁ କେଉଁଟି ବ୍ୟବହାର କରିବ ? କାରଣ କହ । ସାରଣୀରେ ଠିକ ଉତ୍ତରରେ ଗୋଲ୍ ବୁଲାଅ । ମାପିବା ପୂର୍ବରୁ ଅନୁମାନ କରି ଏହାର ଦୈର୍ଘ୍ୟ କେତେ ହେବ କହ ।

| ଜିନିଷଗୁଡ଼ିକର ନାମ | କେଉଁଟି ବ୍ୟବହାର କରିବ ତାକୁ ଗୋଲ ବୁଲାଅ | ମୋର ଅନୁମାନ | ମୋର ପ୍ରକୃତ ମାପ |
|---|---|---|---|
| ପାଣିବୋତଲ  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |
| ଚାମଚ  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |
| ପେନ୍‌ସିଲ୍  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |
| ମୋ ସାଙ୍ଗର ନାକ  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |
| ମୋ ଗୋଡ଼  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |
| ଚାବି  |  ଚାଖଣ୍ଡ କିମ୍ବା ଆଙ୍ଗୁଠି | | |

DRAFT

| ପାଦ ସାହାଯ୍ୟରେ ମାପ | ଆନୁମାନିକ ମାପ (ପାଦରେ) | ପ୍ରକୃତ ମାପ (ପାଦରେ) |
|---|---|---|
| ଶ୍ରେଣୀରେ ଥିବା ଟେବୁଲର ଦୁଇ ଗୋଡ଼ ମଧ୍ୟରେ ଦୂରତା | | |
| ଦଉଡ଼ି ଡିଆଁ ଖେଳରେ ବ୍ୟବହାର ହେଉଥିବା ଦଉଡ଼ିର ଲମ୍ବ | | |
| ତୁମ ସ୍କୁଲ ବାରଣ୍ଡାର ଓସାର | | |
| ତୁମ ଶ୍ରେଣୀ କୋଠରିର ଦୁଆରର ଓସାର | | |






## ଆସ କାମଟିକୁ କରିବା

୧. ଓଜନିଆ ବସ୍ତୁରେ ଠିକ ଚିହ୍ନ ✓ ଦିଅ ।

(କ)





(ଖ)





୨. ହାଲୁକା ବସ୍ତୁରେ ଠିକ ଚିହ୍ନ ✓ ଦିଅ ।

(କ)








(ଖ)






୩. ଓଜନିଆ ବସ୍ତୁରେ ରଙ୍ଗ ଦିଅ ।


(କ)




(ଖ)



(ଗ)




(ଘ)




୪. ହାଲୁକା ବସ୍ତୁରେ ରଙ୍ଗ ଦିଅ ।


(କ)




(ଖ)



(ଗ)



(ଘ)





## ଆସ କଥା ହେବା

କ. ତୁମେ ଓ ତୁମ ସାଙ୍ଗ ମଧ୍ୟରେ କାହାର ଓଜନ ଅଧିକ ? ତୁମେ କିପରି ଜାଣିଲ, ଶ୍ରେଣୀ କକ୍ଷରେ ଆଲୋଚନା କର ।

ଖ. ତୁମର ଓଜନ ମାପ । ସାଧାରଣତଃ କେଉଁଠାରେ ତୁମର ଓଜନ ମପାଯାଇଥାଏ ଓ କିପରି ମପାଯାଏ ?



## ଆସ କାମଟିକୁ କରିବା

### ୧. ବାଲ୍‌ଟିରେ ପାଣି ଭର୍ତ୍ତି କର ।



କ. ........... ମଗ୍ ପାଣି ନେଲେ ବାଲ୍‌ଟିଟି ପୂରି ଯିବ ।

ଖ. ........... ଗ୍ଲାସ୍ ପାଣି ନେଲେ ବାଲ୍‌ଟିଟି ପୂରି ଯିବ ।

ଗ. ............ ଗିନା ପାଣି ନେଲେ ବାଲ୍‌ଟିଟି ପୂରି ଯିବ ।

### ୨. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।

କ. ତୁମ ପାଣି ବୋତଲ ପୂରା ହେବା ପାଇଁ ........... କପ ପାଣି ଦରକାର ହେବ ।


ଖ. ସେହି କପ ବ୍ୟବହାର କରି ତୁମ ସାଙ୍ଗର ବୋତଲରେ ପାଣି ପୂରା ହେବା ପାଇଁ .......... କପ ପାଣି ଦରକାର ।

ଗ. କେଉଁ ବୋତଲରେ ବେଶୀ ପାଣି ଅଛି କହ ।


ଘ. ଅନ୍ୟ ଏକ ବୋତଲ ନେଇ ଏହି କାମଟିକୁ କର । କେଉଁ ବୋତଲରେ କମ ପାଣି ଅଛି କହ ।

### ୩. ଯେଉଁଥିରେ ଅଧିକ ପାଣି ଧରିବ, ତାକୁ ଗୋଲ ବୁଲାଅ ।


କ.



ଖ.



ଗ.



ଘ.



ଙ.



## ୪. ଜଳ ହିଁ ଜୀବନ

ତଳେ ଦିଆଯାଇଥିବା କାମ କରିବା ପାଇଁ ତୁମେ କେତେ ପାଣି ବ୍ୟବହାର କର ✓ ଠିକ୍ ଚିହ୍ନ ଦିଅ ।

କ.



ଦାନ୍ତ ଘଷିବା ପାଇଁ



ଗୋଟିଏ ବାଲ୍‌ଟି ପାଣି



ଗୋଟିଏ ମଗ୍ ପାଣି

ଖ.



ଗାଧୋଇବା ପାଇଁ



ଗୋଟିଏ ବାଲ୍‌ଟି ପାଣି



ଗୋଟିଏ ଟାଙ୍କି ପାଣି

ଗ.



୨ ଗ୍ଲାସ୍ ଲେମ୍ବୁ ପାଣି ତିଆରି କରିବା ପାଇଁ



ଗୋଟିଏ ଜଗ୍ ପାଣି



ଗୋଟିଏ ବାଲ୍‌ଟି ପାଣି

ଘ.



ଗୋଟିଏ ଗଛରେ ପାଣିଦେବା ପାଇଁ



ଏକ ମଗ୍ ପାଣି



ଏକ ବାଲ୍‌ଟି ପାଣି



## ପ୍ରକଳ୍ପ କାର୍ଯ୍ୟ

୧. ଗାଧୋଇବା ପାଇଁ ଗାଧୁଆଘର ସାୱାର ବା ଟ୍ୟାପ୍‌ର ପାଣି ବଦଳରେ କାହିଁକି ବାଲ୍‌ଟିରେ ପାଣି ନେଇ ବ୍ୟବହାର କରିବା, ଆଲୋଚନା କର ।

୨. ଭିନ୍ନ ଭିନ୍ନ ରଙ୍ଗର କାଗଜ ପଟି ନିଅ । ପ୍ରତ୍ୟେକ ପଟିକୁ ଦୁଇଖଣ୍ଡ କରି ଚିରିବ, ଯେପରି ଗୋଟିଏ ଖଣ୍ଡ ଅନ୍ୟ ଖଣ୍ଡଠାରୁ ବଡ଼ ବା ସାନ ହୋଇଥିବ । ତଳ ସାରଣୀର ବାମପଟେ ଛୋଟ ଖଣ୍ଡଟିକୁ ଓ ଡାହାଣ ପଟେ ବଡ଼ ଖଣ୍ଡଟିକୁ ଅଠା ଦେଇ ଲଗାଅ ।

| ଏଗୁଡ଼ିକ ଛୋଟ | ଏଗୁଡ଼ିକ ବଡ଼ |
|---|---|
| | |

୩. କେଉଁ ଜିନିଷଗୁଡ଼ିକ ବୋହି ନେବା ପାଇଁ ସହଜ ଓ ବୋହିନେବାପାଇଁ କଷ୍ଟ ହୁଏ ସେଗୁଡ଼ିକ ତଳ ସାରଣୀରେ ଲେଖ

| ବୋହିକି ନେବା ସହଜ | ବୋହିକି ନେବା କଷ୍ଟ |
|---|---|
| | |
| | |
| | |

୪. ବିଭିନ୍ନ ଆକାରର ବୋତଲ, ଗିନା ଓ ଗ୍ଲାସ୍ ଯୋଗାଡ଼ କର । କେତେ ଗ୍ଲାସ ବା ଗିନା ପାଣିରେ ବୋତଲଟି ପୂରିଯିବ ପରୀକ୍ଷା କରି ଦେଖ । କେଉଁଥିରେ ଅଧିକ ପାଣି ଧରୁଛି ?

ପିଲାମାନଙ୍କୁ ପଚାରନ୍ତୁ, ସେମାନେ ଦିନକୁ କେତେ ଗ୍ଲାସ୍ ପାଣି ପିଅନ୍ତି ? ସେମାନଙ୍କ ପରିବେଶରେ ନଷ୍ଟ ହେଉଥିବା ପାଣି ସଂପର୍କରେ ସେମାନଙ୍କ ସହ ଆଲୋଚନା କରନ୍ତୁ ଓ ସେମାନଙ୍କୁ ସଚେତନ କରନ୍ତୁ । ପାଣି ପିଇସାରିବା ପରେ ଗ୍ଲାସ୍‌ରେ ପାଣି ବଳିଲେ କ'ଣ କରାଯିବ ? ଏହି ବଳକା ପାଣିକୁ ଫୋପାଡ଼ି ଦିଆଯିବ ନା ଗଛରେ ଦିଆଯିବ ? ପାଣିକୁ ନଷ୍ଟ ନ ହେବାପାଇଁ ଅନ୍ୟ ଉପାୟଗୁଡ଼ିକ ବିଷୟରେ ସେମାନଙ୍କ ସହ ଆଲୋଚନା କରନ୍ତୁ, ଯେପରି ବ୍ୟବହାର ହେଉ ନଥିବାବେଳେ ପାଣି ଟ୍ୟାପ୍‌କୁ ବନ୍ଦ କରିବା, ପାଣିକୁ ଆଉ ଥରେ ବ୍ୟବହାର କରିବା ଇତ୍ୟାଦି ।



DRAFT





# ସଂଖ୍ୟାର ମଜା





ସିମରନ୍ ବାକ୍ସରେ କମଳା ରଖୁଥିଲା । ପ୍ରତ୍ୟେକ ବାକ୍ସରେ ୧୦ଟି କମଳା ରହିପାରିବ । ତା'ର କେତୋଟି ବାକ୍ସ ଦରକାର ?













କମଳାଗୁଡ଼ିକୁ ଏହିଭଳି ଭାବେ ସଜାଡ଼ି ରଖିଲା ।




**ତୁମେ ଜାଣିଛ କି, ସେଥିରେ କେତୋଟି କମଳା ଅଛି ?**


| | | |
|---|---|---|
|  |  | ୨୧<br>ଏକୋଇଶ |
|  |  | ୨୨<br>ବାଇଶ |

DRAFT


| | | |
|---|---|---|
|  |  | ତେଇଶ |
|  |  | ୨୪ ଚବିଶ |
|  |  | ପଚିଶ |
|  |  | ଛବିଶ |
|  |  | ୨୭ ସତେଇଶ |


DRAFT







୨୮
ଅଠେଇଶ





ଅଣତିରିଶ





୩୦
ତିରିଶ










## ୨୧ ରୁ ୩୦ ପର୍ଯ୍ୟନ୍ତ ସଂଖ୍ୟା ଲେଖ











| | | | | | | | | | |
|---|---|---|---|---|---|---|---|---|---|
| ୨୧ | | | | ୨୫ | | | | | |
| | | ୨୩ | | | | | | | ୩୦ |
| | ୨୨ | | | | | ୨୭ | | | |

## ଆସ ଫୁଲ ସଂଖ୍ୟା ଓ ନିମ୍ବ ଦାନ୍ତକାଠି ସଂଖ୍ୟା ଗଣିବା




## ୩୧ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟା

| | | | |
|---|---|---|---|
|  | ୩୧<br>ଏକତିରିଶ |  | ୩୬<br>ଛତିଶ |
|  | ୩୨<br>ବତିଶ |  | ସଇଁତିରିଶ |
|  | ତେତିଶ |  | ଅଠତିରିଶ |
|  | ଚଉତିରିଶ |  | ୩୯<br>ଅଣଚାଳିଶ |
|  | ୩୫<br>ପଇଁତିରିଶ |  | ୪୦<br>ଚାଳିଶ |


| | | | |
|---|---|---|---|
|  | ୪୧<br>ଏକଚାଳିଶ |  | ୪୬<br>ଛୟାଳିଶ |
|  | <br>ବୟାଳିଶ |  | <br>ସତଚାଳିଶ |
|  | ୪୩<br>ତେୟାଳିଶ |  | <br>ଅଠଚାଳିଶ |
|  | <br>ଚଉରାଳିଶ |  | ୪୯<br>ଅଣଚାଶ |
|  | ୪୫<br>ପଞ୍ଚଚାଳିଶ |  | ୫୦<br>ପଚାଶ |



## ଆସ କାମଟିକୁ କରିବା


୧. ୧ ରୁ ୫୦ ମଧ୍ୟରେ ଥିବା ଯେ କୌଣସି ସଂଖ୍ୟାକାର୍ଡ଼ ଉଠାଅ । ତୁମେ ସଂଖ୍ୟାକାର୍ଡ଼ଟିକୁ କ୍ଲିପ୍ ସାହାଯ୍ୟରେ ସଂଖ୍ୟାମାଳାର ଠିକ୍ ଜାଗାରେ ରଖିପାରିବ କି ?


୨. ସଂଖ୍ୟାମାଳାରେ ଥିବା ସଂଖ୍ୟାକାର୍ଡ଼ରେ ସଂଖ୍ୟାଟିକୁ ଲେଖ ।






## ଗଣ, ସଂଖ୍ୟାଗୁଡ଼ିକୁ ଲେଖ









ସଂଖ୍ୟା ଦେଖାଇବା ପାଇଁ ଦଶଟିକିଆ ଘରକୁ ରଙ୍ଗ ଦିଅ । ତୁମପାଇଁ ଗୋଟିଏ କରିଦିଆଯାଇଛି ।


୨୯
ଅଣତିରିଶ



୪୧
ଏକଚାଳିଶ



୩୦
ତିରିଶ



ସଂଖ୍ୟା ମାଳା ବ୍ୟବହାର କରି ୧୦, ୨୦ ଭଳି ସଂଖ୍ୟା ଓ ୨୧ରୁ ୫୦ ପର୍ଯ୍ୟନ୍ତ ସଂଖ୍ୟାକୁ ସୂଚାଇବା ସଂପର୍କରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ । ମାଳି ସଂଖ୍ୟା ବ୍ୟବହାର କରି ଯେକୌଣସି ନିର୍ଦ୍ଦିଷ୍ଟ ସଂଖ୍ୟାଠାରୁ ପଛକୁ ଗଣିବାପାଇଁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ । ଏପରି କାର୍ଯ୍ୟ କରିବାରେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିଲେ ସଂଖ୍ୟା ମାଳାର ସାହାଯ୍ୟ ନ ନେଇ ସେମାନେ ଗଣିପାରିବେ ।

DRAFT


## ହଜିଯାଇଥିବା ସଂଖ୍ୟାଗୁଡ଼ିକୁ ଖୋଜ




### ପ୍ରକଳ୍ପ କାର୍ଯ୍ୟ

ହାସିନା ନିଜ ଦିଆସିଲି ଖୋଳରେ ପଚାଶରୁ ଅଧିକ ମଜାଳିଆ ଜିନିଷ ରଖିଛି ବୋଲି କହିଲା । ଏଗୁଡ଼ିକ କେଉଁ ଜିନିଷ ହୋଇପାରେ ବୋଲି ତା'ର ସାଙ୍ଗମାନେ ଜାଣିବାକୁ ଚାହିଁଲେ । ଯେତେବେଳେ ସେ ତା'ର ଖୋଳଟିକୁ ଖୋଲିଲା, ତା' ସାଙ୍ଗମାନେ ଆଶ୍ଚର୍ଯ୍ୟ ହୋଇଗଲେ ।


ତୁମେ ଏପରି କିଛି ଜିନିଷ ସଂଗ୍ରହ କର ଓ ଦେଖ ସେଗୁଡ଼ିକ ଦିଆସିଲି ଖୋଳ ମଧ୍ୟରେ କେତୋଟି ରହିପାରୁଛି ?












DRAFT

# ୫୧ ଠାରୁ ୯୯ ପର୍ଯ୍ୟନ୍ତ ସଂଖ୍ୟା

ଜେନି ତାଙ୍କ ଘରକାନ୍ଥରେ ଛୋଟ ଛୋଟ ଦର୍ପଣକୁ ଅଠାଦ୍ୱାରା ଲଗାଉଥାଏ । ଏହି ଡିଜାଇନ୍‌ରେ ସେ କେତୋଟି ଦର୍ପଣ ବ୍ୟବହାର କରିଛି ? ______





















୫୧ରୁ ୬୦ ପର୍ଯ୍ୟନ୍ତ ସଂଖ୍ୟା ଗଣ ଓ ଲେଖ ।
















| | | | |
|---|---|---|---|
|  | ୫୧<br>ଏକାବନ |  | ______<br>ଛପନ |
|  | ୫୨<br>ବାବନ |  | ______<br>ସତାବନ |
|  | ______<br>ତେପନ |  | ______<br>ଅଠାବନ |
|  | ______<br>ଚଉବନ |  | ୫୯<br>ଅଣଷଠି |
|  | ______<br>ପଞ୍ଚାବନ |  | ୬୦<br>ଷାଠିଏ |

DRAFT

## ୬୧ ଠାରୁ ୮୦ ପର୍ଯ୍ୟନ୍ତ ସଂଖ୍ୟା ଗଣି ଲେଖ

| | | | |
|---|---|---|---|
|  | ୬୧<br>ଏକଷଠି |  | ୭୧<br>ଏକସ୍ତରି |
|  | ୬୨<br>ବାଷଠି |  | ୭୨<br>ବାସ୍ତରି |
|  | ତେଷଠି |  | ତେସ୍ତରି |
|  | ଚଉଷଠି |  | ୭୪<br>ଚଉସ୍ତରି |
|  | ପଞ୍ଚଷଠି |  | ୭୫<br>ପଞ୍ଚସ୍ତରି |
|  | ଛଅଷଠି |  | ଛଅସ୍ତରି |
|  | ସତଷଠି |  | ସତସ୍ତରି |
|  | ଅଠଷଠି |  | ୭୮<br>ଅଠସ୍ତରି |
|  | ଅଣସ୍ତରି |  | ଅଣାଅଶୀ |
|  | ୭୦<br>ସତୁରି |  | ୮୦<br>ଅଶୀ |

# ୮୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟା ଗଣି ଲେଖ

| | | | |
|---|---|---|---|
|  | ୮୧<br>ଏକାଅଶୀ |  | ୯୧<br>ଏକାନବେ |
|  | ବୟାଅଶୀ |  | ବୟାନବେ |
|  | ୮୩<br>ତେୟାଅଶୀ |  | ତେୟାନବେ |
|  | ଚଉରାଅଶୀ |  | ଚଉରାନବେ |
|  | ପଞ୍ଚାଅଶୀ |  | ୯୫<br>ପଞ୍ଚାନବେ |
|  | ୮୬<br>ଛୟାଅଶୀ |  | ଛୟାନବେ |
|  | ସତାଅଶୀ |  | ୯୭<br>ସତାନବେ |
|  | ଅଠାଅଶୀ |  | ଅଠାନବେ |
|  | ୮୯<br>ଅଣାନବେ |  | ଅନେଶୋତ |
|  | ୯୦<br>ନବେ |  | ୧୦୦<br>ଶହେ |


## ଆସ କାମଟିକୁ କରିବା


ସଂଖ୍ୟାମାଳାର ଦୁଇ ପାଖକୁ ଚିତ୍ରରେ ଦିଆଯାଇଥିବା ଭଳି ବାନ୍ଧି ଦିଅ । ୧ ରୁ ୯୯ ମଧ୍ୟରେ ଯେକୌଣସି ଏକ ସଂଖ୍ୟା କାର୍ଡ଼ ନିଅ । ସଂଖ୍ୟାମାଳାର ଉପଯୁକ୍ତ ସ୍ଥାନରେ ସଂଖ୍ୟାକାର୍ଡ଼ଟିକୁ କ୍ଲିପ୍ ମାଧ୍ୟମରେ ଲଗାଅ । ଅନ୍ୟ ସଂଖ୍ୟାକାର୍ଡ଼ ସବୁ ନେଇ ତୁମର ସାଙ୍ଗମାନଙ୍କ ସହ ଖେଳ ।





ସଂଖ୍ୟାକୁ ମିଶାଇବା ପାଇଁ ସଂଖ୍ୟାମାଳା ବ୍ୟବହାର କରିବାକୁ କହନ୍ତୁ । ଯେ କୌଣସି ଦୁଇଟି ସଂଖ୍ୟା ମଧ୍ୟରେ ଥିବା ସଂଖ୍ୟାଗୁଡ଼ିକୁ କହିବାକୁ ପିଲାମାନଙ୍କୁ କହନ୍ତୁ ।

ଗଣ ଓ ସଂଖ୍ୟା ଲେଖ ।







ସାପ ଓ ସିଡ଼ି ଖେଳିବାପାଇଁ ଲୁଡୁ ପାଲିରେ ଲେଖା ନଥିବା ସଂଖ୍ୟାଗୁଡ଼ିକୁ ଲେଖ ।

| | | | | | | | | | |
|---|---|---|---|---|---|---|---|---|---|
| ୧୦୦ | | ୯୮ | ୯୭ | ୯୬ | ୯୫ | | | ୯୨ | |
| ୮୧ | ୮୨ | ୮୩ | ୮୪ | | ୮୬ | ୮୭ | ୮୮ | | ୯୦ |
| ୮୦ | ୭୯ | | ୭୭ | ୭୬ | | ୭୪ | ୭୩ | ୭୨ | ୭୧ |
| ୬୧ | ୬୨ | ୬୩ | | ୬୫ | ୬୬ | | ୬୮ | ୬୯ | |
| | ୫୯ | ୫୮ | | ୫୬ | | ୫୪ | ୫୩ | ୫୨ | ୫୧ |
| ୪୧ | ୪୨ | ୪୩ | | ୪୫ | | | ୪୮ | | ୫୦ |
| ୪୦ | | ୩୮ | ୩୭ | ୩୬ | | ୩୪ | ୩୩ | ୩୨ | ୩୧ |
| ୨୧ | ୨୨ | | ୨୪ | ୨୫ | | ୨୭ | ୨୮ | | ୩୦ |
| ୨୦ | ୧୯ | ୧୮ | ୧୭ | ୧୬ | ୧୫ | | ୧୩ | ୧୨ | ୧୧ |
| ୧ | ୨ | ୩ | | ୫ | ୬ | | ୮ | ୯ | |

ଶ୍ରେଣୀ ଚଟାଣରେ ବା ବାରଣ୍ଡାରେ ସାପ-ସିଡ଼ି ପାଲି ତିଆରି କର (ଚକ୍‌ଦ୍ୱାରା) । ଚିତ୍ରରେ ଦିଆଯାଇଥିବା ଭଳି କୋଠରି ମଧ୍ୟରେ ସଂଖ୍ୟା ଲେଖ । ସାପ ଚିତ୍ର ବଦଳରେ ଦଉଡ଼ି ଏବଂ ସିଡ଼ି ବଦଳରେ ବାଡ଼ି / କାଠି ବ୍ୟବହାର କରାଯାଇପାରିବ । ସୂଚନା ପରିବର୍ତ୍ତନ କରି ବିଭିନ୍ନ ପ୍ରକାରର କାମ କରାଯାଇ ପାରିବ, ଯେପରି- ତୁମେ ଯେଉଁଠି ଅଛ ତା'ର ଡାହାଣ / ବାମକୁ ଗୋଟିଏ ଘର ଛାଡ଼ି ଡିଆଁ ଓ କେଉଁ ସଂଖ୍ୟାରେ ପହଞ୍ଚିଲ କହ । ଗୋଟିଏ ସଂଖ୍ୟାର ଅଙ୍କ ଅଦଳ ବଦଳ କରି (ଯେପରି ୨୫ ଓ ୫୨) ପ୍ରଥମ ସଂଖ୍ୟାରୁ ସେହି କୋଠରୀକୁ ଡିଆଁ ।



## ଚିତ୍ରକୁ ଦେଖ



## ଆସ କଥା ହେବା

୧. ଚିତ୍ରରେ କ'ଣ ସବୁ ହେଉଥିବାର ଦେଖୁଛ, ସେ ବିଷୟରେ ଆଲୋଚନା କର ।

୨. ଚିତ୍ରରେ କେଉଁସବୁ ଜିନିଷ ଦେଖୁଛ ?

୩. ଏଠାରେ କେତୋଟି ଘର ଅଛି ?


୪. ଚିତ୍ରରେ କେତେଜଣ ଲୋକ ଅଛନ୍ତି ?

୫. ଗାଈ ଚିତ୍ରଟି ତିଆରି କରିବା ପାଇଁ କେତୋଟି ଗାର ବ୍ୟବହାର ହୋଇଥାଇପାରେ, ତାହା ଅନୁମାନ କର ।


୬. ଏହି ପ୍ରକାର ଚିତ୍ରକଳାର ବିଶେଷ ନାମ ତୁମେ ଜାଣିଛ କି ?

୭. ଓଡ଼ିଶାର କେଉଁ କେଉଁ ସ୍ଥାନରେ ଏଭଳି 'ସଉରା' ଚିତ୍ର କଳା ଦେଖିବାକୁ ମିଳେ ?


ତୁମ ମନରୁ ଏହିଭଳି ଏକ ଚିତ୍ର ତଳ ଘରେ ଆଙ୍କ ।




## ୯ ଆମ ପର୍ବପର୍ବାଣୀ





ଆମ ରାଜ୍ୟରେ ହୋଲି, ଦୀପାବଳି, ରଜ, ନୂଆଖାଇ, ପୁଷପୁନେଇଁ, ରାକ୍ଷୀ ପୂର୍ଣ୍ଣିମା, ମକର ସଂକ୍ରାନ୍ତି, ମାଣବସା ଗୁରୁବାର, ରଥଯାତ୍ରା ଇତ୍ୟାଦି ପର୍ବ ପାଳନ କରାଯାଏ । ପିଲାମାନଙ୍କ ସହିତ ତାଙ୍କ ପରିବାରରେ ପାଳନ କରାଯାଉଥିବା ପର୍ବପର୍ବାଣୀ ବିଷୟରେ ଆଲୋଚନା କରନ୍ତୁ । ଏହି ଚିତ୍ରରେ ଦିଆଯାଇଥିବା ପର୍ବପର୍ବାଣୀ ସଂପର୍କରେ ପିଲାମାନଙ୍କ ସହ ଆଲୋଚନା କରନ୍ତୁ, ସେଗୁଡ଼ିକର ମୁଖ୍ୟ ଉପାଦାନ, ବ୍ୟବହାର ହୋଇଥିବା ଆକୃତି ଓ ସଂରଚନା ବିଷୟରେ ଆଲୋଚନା କରାନ୍ତୁ ।





## ସଂରଚନାଟିକୁ ଆଗକୁ ବଢ଼ାଅ

କ. 


ଖ. 

ଗ. 

ଘ. 

ଙ. 

ଚ. 

ଛ. 

ଜ. 


ସ୍ଥୂଳ ବସ୍ତୁ ବ୍ୟବହାର କରି ଏହିଭଳି ସଂରଚନା ତିଆରି କରିବା ପାଇଁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।







## ଆସ କାମଟିକୁ କରିବା

ମୁନା  ରଙ୍ଗ କରିବାକୁ ବହୁତ ଭଲ ପାଏ । ନିଜ ବୁଢ଼ା ଆଙ୍ଗୁଠି ଓ ଅନ୍ୟ ଆଙ୍ଗୁଠିର ଟିପରେ ଛାପନେଇ ଏକ ସଂରଚନା ତିଆରି କରିଥିଲା । ତୁମେ ମଧ୍ୟ ଦିଆଯାଇଥିବା ସ୍ଥାନରେ ନିଜ ଆଙ୍ଗୁଠି ଛାପ ବ୍ୟବହାର କରି ଏହିପରି ଏକ ସଂରଚନା ତିଆରି କରିପାରିବ ।
















**ବାଇଗଣୀ** ରଙ୍ଗ ପରେ କେଉଁ ରଙ୍ଗ ରହିବ ଏବଂ କାହିଁକି ? ଆଲୋଚନା କର ।


**ପିଲାମାନଙ୍କୁ ବିଭିନ୍ନ ପନିପରିବା ସଂଗ୍ରହ କରିବାକୁ କୁହନ୍ତୁ ଏବଂ ସେଗୁଡ଼ିକୁ ପତଳା ଓସାରିଆ ଖଣ୍ଡରେ କାଟି ଦିଅନ୍ତୁ । ଏହି କଟା ଖଣ୍ଡଗୁଡ଼ିକୁ ବ୍ୟବହାର କରି ନିଜ ପସନ୍ଦର ସଂରଚନା ତିଆରି କରିବାକୁ କହନ୍ତୁ ।**



ସଂରଚନାଗୁଡ଼ିକୁ ଦେଖ ଏବଂ ରଙ୍ଗ ଦେଇ ତାହାକୁ ଆଗକୁ ବଢ଼ାଅ



ସଂରଚନାଟିକୁ ପୂରା କର




DRAFT

ସଂରଚନାଟିକୁ ଲକ୍ଷ୍ୟ କର ଏବଂ ଛାଡ଼ିଯାଇଥିବା ସଂଖ୍ୟାଗୁଡ଼ିକୁ ଲେଖ



















ମୀନା ଓ ବାପି ଝୋଟି ତିଆରି କରିବାରେ ସେମାନଙ୍କ ମାଆଙ୍କୁ ସାହାଯ୍ୟ କରୁଛନ୍ତି । ତଳେ ଦିଆଯାଇଥିବା ଝୋଟିକୁ ପୂରା କରିବାରେ ତୁମେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିପାରିବ ।





## ପ୍ରକଳ୍ପ କାର୍ଯ୍ୟ

କ. ଗୋଡ଼ି, ଫୁଲ, ପତ୍ର, ଗ୍ଲାସ୍, ଗିନା, କାଠି, ଚୁଡ଼ି, ମୁଦ୍ରା, ଠିପି ଇତ୍ୟାଦି ସଂଗ୍ରହ କର ଓ ବିଭିନ୍ନ ପ୍ରକାରର ଅଳଙ୍କାର, କଳାକୃତି, ଫୁଲଦାନୀରେ ଫୁଲ ସଜା ଇତ୍ୟାଦିର ସଂରଚନା ତିଆରି କର ।

ଖ. ତୁମ ନିକଟ ପରିବେଶରେ ଥିବା ପତ୍ର, ପ୍ରଜାପତି, ପରଦା, ଶାଢ଼ୀ, ଓଢ଼ଣି, ଟାଇଲ୍, ମହୁଫେଣା ଆଦିକୁ ଲକ୍ଷ୍ୟ କର ଏବଂ ସେଥିରେ ଥିବା ସଂରଚନାକୁ ଖୋଜ ।

ଗ. ଆଖପାଖରେ ମିଳୁଥିବା ବିଭିନ୍ନ ବସ୍ତୁକୁ ସଂଗ୍ରହ କର ଏବଂ ସେଗୁଡ଼ିକୁ କାଗଜ ଉପରେ ଅଠା ଦେଇ ଲଗାଅ ।

ଘ. ତାଳି ବଜାଇ, ଆଙ୍ଗୁଠିରେ ଚୁଟ୍‌କି ବଜାଇ, ପାଦରେ ତାଳ ଦେଇ ବିଭିନ୍ନ ସଂରଚନା ସୃଷ୍ଟି କର ।

ଆମ ଚାରିପାଖର ଦୁନିଆ ବିଭିନ୍ନ ଆକୃତିରେ ପରିପୂର୍ଣ୍ଣ । ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଏବଂ ଆଖପାଖରେ ଥିବା ସ୍ମାରକୀଗୁଡ଼ିକର ସୁନ୍ଦର ସଂରଚନାକୁ ଲକ୍ଷ୍ୟ କରି ଭାରତର ସମୃଦ୍ଧ ଐତିହ୍ୟକୁ ପ୍ରଶଂସା କରିବାକୁ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ । ସେମାନଙ୍କୁ ମଧ୍ୟ କହନ୍ତୁ ଯେ, ବିଭିନ୍ନ କଳାକୃତି, ନୃତ୍ୟ ଶୈଳୀର ଗତିବିଧିରେ ଥିବା ସଂରଚନାକୁ ଲକ୍ଷ୍ୟ କରିବେ ଓ ସେ ବିଷୟରେ ଅନ୍ୟମାନଙ୍କ ସହ ଆଲୋଚନା କରିବେ ।




# ୨୦ ମୋର ଗୋଟିଏ ଦିବସର କାମ





ନମସ୍କାର ବନ୍ଧୁଗଣ, ମୁଁ ପିହୁ । ମୋର ବୟସ ୬ ବର୍ଷ । ସକାଳୁ ରାତି ପର୍ଯ୍ୟନ୍ତ ମୁଁ କେଉଁ ସବୁ କାମ କରେ ସେ ବିଷୟରେ ଆଜି କହିବି ।

ଦେଖ, ଆକାଶରେ ସୂର୍ଯ୍ୟ ଉଦୟ ହୋଇଛି । ଏହା ସକାଳ ସମୟ ।





ମୁଁ ସକାଳେ ବିଛଣାରୁ ଉଠି ଗୋଟିଏ ଗ୍ଲାସ୍ ଉଷୁମ ପାଣି ପିଏ ।



ମୋର ଦିନଟି ଯୋଗ ବା ବ୍ୟାୟାମରୁ ଆରମ୍ଭ ହୁଏ ।



ତା'ପରେ, ମୁଁ ଦାନ୍ତ ଘଷେ ଏବଂ ଗାଧୋଇ ଥାଏ ।

ମୁଁ ଜଳଖିଆ ଖାଏ ଏବଂ ବିଦ୍ୟାଳୟ ଯିବା ପାଇଁ ପ୍ରସ୍ତୁତ ହୁଏ ।





DRAFT

ମୁଁ ବିଦ୍ୟାଳୟରେ ମୋର ସାଙ୍ଗମାନଙ୍କ ସହିତ ପଢ଼େ ଓ ଖେଳେ ।





ଏହା ଅପରାହ୍ନ ସମୟ । ଏବେ ଆକାଶରେ ସୂର୍ଯ୍ୟ ମୁଣ୍ଡ ଉପରେ ଅଛନ୍ତି । ମୁଁ ହାତ ଧୋଇ ସାଙ୍ଗମାନଙ୍କ ସହ ମଧ୍ୟାହ୍ନ ଭୋଜନ କରେ ।

ବିଦ୍ୟାଳୟ ଛୁଟି ହେବାପରେ ଘରକୁ ଫେରି ମୁଁ କିଛି ସମୟ ବିଶ୍ରାମ ନିଏ ।







ସୂର୍ଯ୍ୟ ଅସ୍ତ ହେଲେ ସନ୍ଧ୍ୟା ସମୟ ଆସେ । ମୁଁ ମୋର ସାଙ୍ଗମାନଙ୍କ ସହିତ ଖେଳେ ଓ ତା'ପରେ ମୁଁ ପାଠ ପଢ଼େ ।

ରାତିରେ ଚନ୍ଦ୍ର ଓ ତାରାମାନେ ଆକାଶରେ ଦିଶନ୍ତି । ଏହା ରାତ୍ରି ସମୟ ଅଟେ ।





ମୁଁ ମୋ ପରିବାର ଲୋକଙ୍କ ସହିତ ରାତ୍ରି ଭୋଜନ କରେ ।

ମୁଁ ରାତିରେ ଗପ ବହି ପଢ଼ି ସାରିବା ପରେ ଶୋଇବାକୁ ଯାଏ ।



DRAFT

## ଆସ କଥା ହେବା

୧. ତୁମର ଗୋଟିଏ ଦିବସର କାମଗୁଡ଼ିକୁ କ୍ରମରେ କହ ।

୨. ତୁମେ କେତେବେଳେ ଦାନ୍ତ ଘଷିଥାଅ ?

୩. ତୁମେ କେତେବେଳେ ଗାଧୋଇଥାଅ ?

## ଆସ କାମଟିକୁ କରିବା

୧. ତୁମେ ସକାଳ ସମୟରେ କରୁଥିବା କାମଗୁଡ଼ିକରେ ଠିକ ✓ ଚିହ୍ନ ଦିଅ ।






୨. ତୁମେ ଦିନରେ କରୁଥିବା କାମଗୁଡ଼ିକରେ ଠିକ୍ ଚିହ୍ନ ✓ ଦିଅ ।






୩. ତୁମେ ରାତିରେ କରୁଥିବା କାମଗୁଡ଼ିକରେ ✓ ଠିକ ଚିହ୍ନ ଦିଅ ।







DRAFT

ଚିତ୍ର ଦେଖି ଏହା କେଉଁ ସମୟରେ ହେଉଥିବ ଅନୁମାନ କର । ସେହି ସମୟ ମଧ୍ୟରେ ତୁମେ କେଉଁ ସବୁ କାମ କର, ତୁମ ସାଙ୍ଗମାନଙ୍କ ସହିତ ଆଲୋଚନା କର ।











## ଆସ କାମଟିକୁ କରିବା

ଯେଉଁ କାମ କରିବାକୁ ଅଧିକ ସମୟ ଲାଗେ, ସେହି ଚିତ୍ରରେ ରଙ୍ଗ ଦିଅ ।

୧.





୨.





# ବିଭିନ୍ନ ଋତୁ


ଗ୍ରୀଷ୍ମ


ବସନ୍ତ


ବର୍ଷା


ଶୀତ

ଉପର ଚିତ୍ରଗୁଡ଼ିକୁ ଦେଖ । ଗ୍ରୀଷ୍ମ, ଶୀତ, ବସନ୍ତ ଏବଂ ବର୍ଷା ଋତୁ ମଧ୍ୟରେ ଥିବା ପାର୍ଥକ୍ୟ ଆଲୋଚନା କର ।

**ଋତୁ ଅନୁଯାୟୀ ତଳ ଚିତ୍ରରେ ଥିବା ବସ୍ତୁଗୁଡ଼ିକୁ ମିଳାଅ ।**




DRAFT

## ଆସ କଥା ହେବା

୧. ଗ୍ରୀଷ୍ମ ଋତୁରେ ତୁମକୁ କ'ଣ କ'ଣ ଖାଇବାକୁ ଭଲ ଲାଗେ ?

୨. ଶୀତ ଋତୁରେ ତୁମେ କେଉଁ କେଉଁ ପୋଷାକ ପିନ୍ଧିବା ପାଇଁ ଚାହିଁବ ?

## ଆସ କାମଟିକୁ କରିବା

### ଋତୁଗୁଡ଼ିକର ନାମ ଲେଖ ଓ ଚିତ୍ରଗୁଡ଼ିକ ସହିତ ମିଳାଅ ।



DRAFT

## ପ୍ରକଳ୍ପ କାର୍ଯ୍ୟ

ଋତୁ ଅନୁଯାୟୀ ପାଳନ ହେଉଥିବା ପର୍ବପର୍ବାଣୀରେ ପିଲାମାନଙ୍କର ମନ ପସନ୍ଦ ଖାଦ୍ୟର ଚିତ୍ର ଅଙ୍କନ କରିବାକୁ କହନ୍ତୁ କିମ୍ବା ଏହି ଖାଦ୍ୟଗୁଡ଼ିକର ଚିତ୍ର ସଂଗ୍ରହ କରି ଅଠାଦ୍ୱାରା କାଗଜରେ ବା ଖାତାରେ ଲଗାଇବାକୁ କହନ୍ତୁ ।

# ୧୧ କେତେ ଥର ମିଶିଲା ?



## ଚାଲ, ମେଳା ଦେଖିବାକୁ ଯିବା

କିଛି ପିଲା ଗାଁ ପାଖ ମେଳା ପଡ଼ିଆକୁ ମେଳା ଦେଖିବାକୁ ଗଲେ ।






ମୋଟ ପିଲା ସଂଖ୍ୟା

୨ + ୨ + ୨ + ୨ = ☐

ଆମେ କେତେ ଜଣ ଘୋଡ଼ା ଦୋଳିରେ ବସିପାରିବା ? ☐




ଏଠାରେ ୩ଟି ରେଳଗାଡ଼ି ଡବା ଅଛି । ୩ + ୩ + ୩ = ☐

ମୋଟ ☐ ଜଣ ପିଲା ୩ଟି ଯାକ ଡବାରେ ବସିପାରିବେ ।




☐ + ☐ + ☐ + ☐ + ☐ = ☐

ମୋଟ ☐ ଜଣ ପିଲା ବସିପାରିବେ ।

ଦୋଳି ଖେଳିସାରିବା ପରେ ପିଲାମାନେ ଜିଲାପି ଖାଇବାକୁ ମନ କଲେ । ପ୍ରତ୍ୟେକ ପ୍ଲେଟ୍‌ରେ ୩ଟି ଲେଖାଏଁ ଜିଲାପି ଅଛି । ସେମାନେ ୬ଟି ପ୍ଲେଟ୍ ଜିଲାପି ବରାଦ କଲେ ।



☐ + ☐ + ☐ + ☐ + ☐ + ☐ = ☐

୩ର ୬ ଗୁଣ ହେଉଛି ☐ ।

**ପ୍ରତ୍ୟେକ କାର୍ଯ୍ୟରେ କେତୋଟି ଦଳ/ସମୂହ ଅଛି ପ୍ରଶ୍ନ ପଚାରି ଆଲୋଚନା କରନ୍ତୁ, ଯେପରି - ଚିତ୍ରରେ କେତେଜଣ ପିଲା ଅଛନ୍ତି, ଟ୍ରେନ୍‌ର ପ୍ରତ୍ୟେକ ଡବା ବା ଦୋଳିର ପ୍ରତ୍ୟେକ ଝୁଲାରେ କେତେଜଣ ପିଲା ବସିଛନ୍ତି ଓ ମୋଟ କେତେ ପିଲା ଘୋଡ଼ା ଦୋଳିରେ ବସିଛନ୍ତି ଇତ୍ୟାଦି ।**



## ଆସ ବସ୍ ଚଢ଼ି ଯିବା


**ବସ୍‌ରେ କେତୋଟି ଧାଡ଼ିରେ ସିଟ୍ ଅଛି ? ପ୍ରତି ଧାଡ଼ିରେ କେତେଜଣ ପିଲା ବସିଛନ୍ତି ?**

୨ + ୨ + ୨ + ୨ + ୨ + ୨ + ୨ + ୨ + ୨ = ☐

୨କୁ ୯ ଥର ନେଲେ = ☐ ହେବ ବା ୨ର ୯ଗୁଣ = ☐

ବସ୍‌ରେ ମୋଟ ପିଲା ସଂଖ୍ୟା = ☐

ବସ୍‌ରେ କେତେଗୁଡ଼ିଏ ପାଣିବୋତଲ ଟ୍ରେରେ ପାଣିବୋତଲ ରଖା ଯାଇଛି । ସେଗୁଡ଼ିକୁ ଗଣ ।



☐ + ☐ + ☐ + ☐ = ☐


୫ର ୪ ଗୁଣ = ☐

ବସ୍‌ରେ ଥିବା ମୋଟ ପାଣି ବୋତଲ ସଂଖ୍ୟା = ☐

DRAFT

ଟିନୁ ଦୋକାନରୁ ରବର, ପେନ୍‌ସିଲ୍ ଓ ସେଓର କିଛି ପ୍ୟାକେଟ୍ କିଣିଲା । ପ୍ରତ୍ୟେକ ଜିନିଷର ମୋଟ ସଂଖ୍ୟା କହ ।

୧.




୨ + ___ + ___ + ___ = ___ ଟି ରବର

୨ ର ୪ ଗୁଣ = ___

ମୋଟ ରବର ସଂଖ୍ୟା = ___

୨.



୩ + ___ + ___ + ___ + ___ = ___ ଟି ପେନ୍‌ସିଲ୍

୩ ର ୫ ଗୁଣ = ___

ମୋଟ ପେନ୍‌ସିଲ୍ ସଂଖ୍ୟା = ___

୩.



୩ + ___ + ___ = ___ ଟି ସେଓ

୩ ର ୩ ଗୁଣ = ___

ମୋଟ ସେଓ ସଂଖ୍ୟା = ___



## ପ୍ରକଳ୍ପ କାର୍ଯ୍ୟ

ଗୋଟିଏ ସାଇକେଲ ଚକର ଚିତ୍ର ଅଙ୍କନ କର । ତୁମ ସାଙ୍ଗର ଘରେ କିମ୍ବା ତୁମ ଘରେ କେତୋଟି ସାଇକେଲ ଅଛି କହ । ସମସ୍ତ ସାଇକେଲର ମୋଟ ଚକ ସଂଖ୍ୟା କେତେ କହ ।

DRAFT


# ୨୭ ଆସ କିଣାବିକା କରିବା



ରିୟା ୧ ଟଙ୍କିଆ, ୨ ଟଙ୍କିଆ, ୫ ଟଙ୍କିଆ, ୧୦ ଟଙ୍କିଆ ମୁଦ୍ରା ଗଣିବା ଆରମ୍ଭ କଲା ଏବଂ ସାହିଲ ୧୦ଟଙ୍କିଆ, ୨୦ ଟଙ୍କିଆ, ୫୦ ଟଙ୍କିଆ ଓ ୧୦୦ ଟଙ୍କିଆ ନୋଟ୍ ଗଣିବା ଆରମ୍ଭ କଲା । ତେବେ ଦିଆଯାଇଥିବା ମୁଦ୍ରା ଏବଂ ନୋଟ୍‌ଗୁଡ଼ିକ ଦେଖ ଏବଂ ସେମାନଙ୍କର ମୂଲ୍ୟ ଲେଖ ।

| | | | |
|---|---|---|---|
|  |  |  |  |
| **୧ ଟଙ୍କା** | | | |
|  |  |  |  |
| **୧୦ ଟଙ୍କା** | | | |

# ରହିମ୍ ଚାଚାଙ୍କ ଖେଳଣା ବିକା



## ଆସ କାମଟିକୁ କରିବା

୧. ଗୋଟିଏ ବଲ୍  ର ଦାମ୍ ୨୦ ଟଙ୍କା ।

ରିୟା ବଲ୍ କିଣିବା ପାଇଁ ..........ଟି ୫ ଟଙ୍କିଆ ମୁଦ୍ରା ଦେବ ।

ସାହିଲ ବଲ୍ କିଣିବା ପାଇଁ .............ଟି ୧୦ ଟଙ୍କିଆ ନୋଟ୍ ଦେବ ।

୨. ତୁମ ପାଖରେ ୧୦ଟଙ୍କା ଅଛି । ତୁମେ କେଉଁ କେଉଁ ଖେଳଣା କିଣିପାରିବ ?

୩. ତୁମେ ୨୦ ଟଙ୍କା ନେଇ କେଉଁ କେଉଁ ଖେଳଣା କିଣିପାରିବ କହ ।

୪. ଗୋଟିଏ ଖେଳଣା କାରର ମୂଲ୍ୟ ୧୪ ଟଙ୍କା । ରିୟା ପାଖରେ ୧୦ ଟଙ୍କା ଅଛି, ତେବେ କାର୍‌ଟି କିଣିବା ପାଇଁ ତାକୁ ଆଉ କେତେ ଟଙ୍କା ଦରକାର ?

୫. ରିୟା ଏବଂ ସାହିଲଙ୍କ ପାଖରେ ମୋଟ ୩୦ ଟଙ୍କା ଅଛି । ସେମାନେ କେଉଁ କେଉଁ ଖେଳଣା କିଣିପାରିବେ ? ସେମାନଙ୍କର ନାମ ଲେଖ ।

DRAFT

ମୋଟ ପରିମାଣ ଖୋଜ ଏବଂ ଠିକ ଉତ୍ତରରେ ✓ ଚିହ୍ନ ଦିଅ ।




## ଆସ ଖେଳିବା

ତୁମେ କାଗଜ କାଟି ମୁଦ୍ରା ଓ ନୋଟ୍ ତିଆରି କର । ଶ୍ରେଣୀ କୋଠରିରେ ଦୋକାନରେ ହେଉଥିବା କିଣାବିକାର ଅଭିନୟ କର ।

**କିଛି ପିଲା ଦୋକାନୀ ଓ ଅନ୍ୟ ପିଲାମାନେ ଗ୍ରାହକ ହେବେ । କାଗଜରେ ତିଆରି ଟଙ୍କା ବ୍ୟବହାର କରି ସେମାନଙ୍କୁ ଜିନିଷ କିଣିବାକୁ କହନ୍ତୁ । ଏକ ନିର୍ଦ୍ଦିଷ୍ଟ ଦାମ୍ ପାଇଁ ଭିନ୍ନ ଭିନ୍ନ ଉପାୟରେ ମୁଦ୍ରା ଓ ନୋଟ୍ ଯେପରି ଦେଇପାରିବେ, ସେଥିପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।**

ଦିଆଯାଇଥିବା ମୁଦ୍ରା ଓ ନୋଟ୍‌କୁ ବ୍ୟବହାର କରି ମଝିରେ ଲେଖାଥିବା ଟଙ୍କାର ପରିମାଣକୁ ବିଭିନ୍ନ ପ୍ରକାରରେ କିପରି ପ୍ରକାଶ କରାଯାଇପାରିବ ତାହା ଚିତ୍ର କରି ଦେଖାଅ ।






୨୦ ଟଙ୍କା

୧୦ ଟଙ୍କା

୧୩ ଟଙ୍କା

୮ ଟଙ୍କା

## ଉଦାହରଣ ଦେଖି ସମାନ ପରିମାଣ ଟଙ୍କାକୁ ଗାର ଟାଣି ଯୋଡ଼ ।

କ.

ଖ.

ଗ.



ଟଙ୍କା ସଞ୍ଚୟ କରିବା ଏକ ଭଲ ଅଭ୍ୟାସ । ଏହି ବିଷୟରେ ଆଲୋଚନା କର ।



## ପ୍ରକଳ୍ପ କାର୍ଯ୍ୟ

ତୁମ ଭାଇଭଉଣୀ କିମ୍ବା ବଡ଼ଲୋକଙ୍କ ସହାୟତାରେ ନିଜ ଘରେ ଏକ ଖାଲି ଡବା ବା ବାକ୍ସ ନେଇ ଏକ କୁମ୍ଭି (ଟଙ୍କା ବାକ୍ସ) ପ୍ରସ୍ତୁତ କର ।



ଖେଳଣା ମୁଦ୍ରା ଓ ଟଙ୍କା ବ୍ୟବହାର କରି ଭିନ୍ନ ଭିନ୍ନ ଉପାୟରେ ଏକ ନିର୍ଦ୍ଦିଷ୍ଟ ମୂଲ୍ୟର ଟଙ୍କାର ପରିମାଣକୁ ଦର୍ଶାଇବା ପାଇଁ କହନ୍ତୁ ।



DRAFT



# ୨୩ ବାଃ, ଏତେଗୁଡ଼ିଏ ଖେଳଣା !

ଚିତ୍ରକୁ ଦେଖି ବିଭିନ୍ନ ଖେଳଣା ସଂଖ୍ୟା ଲେଖ ।




ହାତୀ ___ ଟି

ଭାଲୁ ___ ଟି

କାର ___ ଟି

କଣ୍ଢେଇ ___ ଟି

ଶୂନ୍ୟସ୍ଥାନରେ ଅଧିକ / କମ୍ / ସମାନ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

କ. କଣ୍ଢେଇ ସଂଖ୍ୟା କାର୍ ସଂଖ୍ୟା ଠାରୁ ______ ।

ଖ. ହାତୀ ସଂଖ୍ୟା କଣ୍ଢେଇ ସଂଖ୍ୟା ଠାରୁ ______ ।

ଗ. ଭାଲୁ ସଂଖ୍ୟା ହାତୀ ସଂଖ୍ୟା ଠାରୁ ______ ।

ଘ. କାର୍ ସଂଖ୍ୟା ଭାଲୁ ସଂଖ୍ୟା ଠାରୁ ______ ।

DRAFT

## ରଙ୍ଗ ବେରଙ୍ଗର ଫୁଲ

ବଗିଚାରେ ଦେଖୁଥିବା ବିଭିନ୍ନ ଫୁଲର ରଙ୍ଗ କହ ।



## ରଙ୍ଗୀନ୍ ଫୁଲର ଚିତ୍ର ଦେଖି ସେଗୁଡ଼ିକର ସଂଖ୍ୟା ଲେଖ ।

ନୀଳରଙ୍ଗର ଫୁଲ ☐ କମଳା ରଙ୍ଗର ଫୁଲ ☐

ଲାଲ ରଙ୍ଗର ଫୁଲ ☐ ବାଇଗଣୀ ରଙ୍ଗର ଫୁଲ ☐

କ. କେଉଁ ରଙ୍ଗର ଫୁଲର ସଂଖ୍ୟା ସବୁଠାରୁ କମ୍ ?

_______________

ଖ. କେଉଁ ରଙ୍ଗର ଫୁଲର ସଂଖ୍ୟା ସବୁଠାରୁ ଅଧିକ ?

_______________

## ଠିକ ବା ଭୁଲ ଚିହ୍ନ ଦିଅ ।

କ. ନୀଳ ରଙ୍ଗର ଫୁଲ ସଂଖ୍ୟା ଅପେକ୍ଷା ଲାଲ ରଙ୍ଗର ଫୁଲର ସଂଖ୍ୟା ଅଧିକ । ☐

ଖ. କମଳା ରଙ୍ଗର ଫୁଲ ସଂଖ୍ୟା ବାଇଗଣୀ ରଙ୍ଗର ଫୁଲ ସଂଖ୍ୟାଠାରୁ କମ୍ । ☐

## ପ୍ରକଳ୍ପ କାର୍ଯ୍ୟ


କ. ଚାରିଧାରରେ ରଙ୍ଗୀନ୍ ଫୁଲର ଚିତ୍ର ଥାଇ ଗୋଟିଏ କାର୍ଡ଼ ପ୍ରସ୍ତୁତ କର ।

ଖ. ତୁମ ଶ୍ରେଣୀର କେତେଜଣ ପିଲାଙ୍କ ନାମରେ ତିନୋଟି ଅକ୍ଷର ଅଛି, କେତେ ଜଣ ପିଲାଙ୍କ ନାମରେ ଚାରୋଟି ଅକ୍ଷର ଅଛି ଓ କେତେ ଜଣ ପିଲାଙ୍କ ନାମରେ ୪ରୁ ଅଧିକ ଅକ୍ଷର ଅଛି ?




# ଗାଣିତିକ ଧନ୍ଦା

୧. ତଳ ଚିତ୍ରରେ ଦିଆଯାଇଥିବା ଭଳି ଗୋପାଳ ସଂଖ୍ୟାକାର୍ଡ଼ଗୁଡ଼ିକୁ ସଜାଇଥିଲା । ଅନନ୍ୟା ଏଗୁଡ଼ିକୁ ଗିନାଦ୍ୱାରା ଏପରି ଲୁଚାଇଦେଲା, ଯେପରି ସଂଖ୍ୟାର କିଛି ଅଂଶ ଲୁଚିଯିବ । ତୁମେ ସଂଖ୍ୟାଗୁଡ଼ିକୁ ଚିହ୍ନି ପାରିବ କି ?



ତୁମେ ନିଜ ହାତ ବ୍ୟବହାର କରି ଏକ ସଂଖ୍ୟାକାର୍ଡ଼ରେ ସଂଖ୍ୟାଟିର ଅଧାକୁ ଲୁଚାଇ ପାରିବ ଏବଂ ସାଙ୍ଗମାନଙ୍କ ସହିତ ଏହି ଖେଳ ଖେଳିପାରିବ ।

୨. କେତୋଟି କାଠ ପଟା ଅଛି ଗଣ । ଏଠାରେ ୩ଟି କାଠ ପଟା ଅଛି ନା ୪ଟି କାଠ ପଟା ଅଛି ?




୩. ଗୀତା ଗ୍ଲାସ୍‌ଗୁଡ଼ିକ ଏହିଭଳି ସଜାଇଛି । ଏହି ସଂରଚନାକୁ ଆଗକୁ ବଢ଼ାଇବାରେ ଗୀତାକୁ ସାହାଯ୍ୟ କର ।



_______________ _______________


୪. ଉଦାହରଣ ଦେଖି ୧ ରୁ ୧୦ ସଂଖ୍ୟାର ସଂଖ୍ୟା ନାମ ଖୋଜ ।

| | | | | | | |
|---|---|---|---|---|---|---|
| ଆ | ଠ | ଗ | ଥ | ଟ | ଉ | ସା |
| ପା | ଞ୍ଚ | ଧ | ଇ | ହ | ଟ | ତ |
| ଓ | ନ | ଅ | ଦୁ | ଇ | ଇ | ର |
| ଚା | ଦ | ତି | ଦ | ଶ | ଏ | ଓ |
| ରି | ଢ | ନି | ଦ | ଫ | କ | ଳ |
| ଛ | ଅ | ହ | ଶ | ଷ | ନ | ଅ |



DRAFT

୫. ତଳ ଗୋଲଗୁଡ଼ିକରେ ୧ ରୁ ୫ ପର୍ଯ୍ୟନ୍ତ ସଂଖ୍ୟାକୁ ଏପରି ସଜାଅ ଯେପରି ଉଭୟ ଧାଡ଼ିରେ ଥିବା ସଂଖ୍ୟାମାନଙ୍କର ଯୋଗଫଳ ସମାନ ହେବ ।




୬. ଗୁଲୁର ପ୍ରିୟ ସଂଖ୍ୟା ହେଉଛି ୮ । ତାକୁ ଏପରି ପ୍ରଶ୍ନ ପଚାର, ଯାହାର ଉତ୍ତର ୮ ହେବ ।


୭. ନିମ୍ନ ଚିତ୍ରରେ ...△..., ...□..., ...○... ଆକୃତିକୁ ଖାଲି ଥିବା ଘରଗୁଡ଼ିକରେ ଏପରି ଭାବରେ ସଜାଅ , ଯେପରି ପ୍ରତ୍ୟେକ ଆକୃତି, ସମସ୍ତ ଧାଡ଼ି ଓ ସ୍ତମ୍ଭରେ ଅତିକମ୍‌ରେ ଥରେ ଲେଖାଁଏ ରହିବ ।








୮. ୪ଟି ଭିନ୍ନ ଭିନ୍ନ ବସ୍ତୁ ନିଅ । ପ୍ରତ୍ୟେକ ବସ୍ତୁରୁ ୪ଟି ନେବା ଉଚିତ୍ (ଯେପରିକି ୪ଟି ବୋତାମ, ୪ଟି ଗୋଡ଼ି, ୪ଟି ମଞ୍ଜି, ୪ଟି ମାଟି ଗୋଲି ଇତ୍ୟାଦି) । ବର୍ତ୍ତମାନ ସେଗୁଡ଼ିକୁ ଦିଆଯାଇଥିବା ବାକ୍ସରେ ଏପରି ଭାବରେ ରଖ ଯେପରି ପ୍ରତ୍ୟେକ ବସ୍ତୁ, ଧାଡ଼ିରେ ଏବଂ ସ୍ତମ୍ଭରେ କେବଳ ଥରେ ରହିବ ।








ତୁମେ ଅନ୍ୟ କେଉଁ ଉପାୟରେ ସେଗୁଡ଼ିକ ସଜାଡ଼ି ପାରିବ ?

୯. ମୁଁ କିଏ ? (ଏହି କାମ ପାଇଁ ଏକ ଦର୍ପଣ ବ୍ୟବହାର କରିପାରିବ ।)





**୧୦.** ମୁଁ କିଏ ?

କ. ମୁଁ ଇନ୍ଦ୍ରଧନୁର ରଙ୍ଗ ସଂଖ୍ୟା ?

ଖ. ମୁଁ ୮ ରୁ ୩ ଅଧିକ ଏବଂ ୧୪ ରୁ ୩ କମ୍ ।

ଗ. ମୁଁ ୫୦ ପରେ ଏବଂ ୫୪ ପୂର୍ବରୁ ଅଛି । ମୋର ଅଙ୍କଗୁଡ଼ିକର ସମଷ୍ଟି ହେଉଛି ୭ ।

ଘ. ମୁଁ ୪୦ର ଠିକ୍ ପୂର୍ବରୁ ଅଛି ।

ଙ. ମୋ ସହିତ ୫ ମିଶିଲେ ୨୪ ହେବ ।


ଚ. ମୁଁ ୩୫ର ଠିକ ପରେ ଅଛି ।

ଛ. ମୋ ଠାରୁ ୮ କାଢ଼ିନେଲେ ୧୪ ରହେ ।

**୧୧.** ୬ଟି ଦିଆସିଲି କାଠିନେଇ ଶୂନ '୦' ଲେଖାଯାଇଛି । ଏଥିରୁ ଯେକୌଣସି ଗୋଟିଏ କାଠିର ସ୍ଥାନ ବଦଳାଇ ଦେଲେ କେଉଁ ସଂଖ୍ୟା ମିଳିବ ?



**୧୨.** ଭାଙ୍ଗିଯାଇଥିବା ଖଣ୍ଡକୁ ଖୋଜି ବାହାର କର ଏବଂ ମାଠିଆ ସହିତ ଖଣ୍ଡଗୁଡ଼ିକୁ ଗାର ଟାଣି ଯୋଡ଼ ।



DRAFT

**୧୩.** ତୁମେ ୨୫ରୁ ୫କୁ କେତେ ଥର ବିୟୋଗ କରିପାରିବ ?

**୧୪.** ରାନୁ ପାଖରେ ୩ଟି ମଞ୍ଜି ଅଛି । ସେ ତଳେ ଦିଆଯାଇଥିବା ସଂଖ୍ୟା ସାରଣୀର ଏପରି ତିନୋଟି ସଂଖ୍ୟା ଉପରେ ସେହି ମଞ୍ଜିଗୁଡ଼ିକୁ ଥୋଇବ, ଯେପରି ସଂଖ୍ୟା ତିନୋଟିର ଯୋଗଫଳ ୧୭ ହେବ ।


| | | | |
|---|---|---|---|
| ୪ | ୯ | ୬ | ୭ |
| ୧୬ | ୦ | ୮ | ୫ |
| ୧୫ | ୧୩ | ୧ | ୨ |
| ୧୭ | ୧୦ | ୩ | ୧୨ |

ତୁମେ ଏହାକୁ କେତେ ଉପାୟରେ କରି ପାରିଲ ?

ଯଦି ତୁମ ପାଖରେ ୨ଟି ମଞ୍ଜି ଅଛି, ତେବେ ତୁମେ ୧୭ ପାଇବାକୁ କେଉଁ ସଂଖ୍ୟାଗୁଡ଼ିକରେ ମଞ୍ଜି ରଖିବ ?


**୧୫.** ମାଙ୍କଡ଼ର ଠିକ ଛାଇର ଚିତ୍ରରେ ଗୋଲ ବୁଲାଅ ।






୧୬. ନିମ୍ନରେ ଦିଆଯାଇଥିବା କାର୍ଡ଼ରେ ୫ ରୁ ୯ ପର୍ଯ୍ୟନ୍ତ ସଂଖ୍ୟାକୁ ଏପରି ଲେଖ, ଯେପରି ଉଭୟ ଧାଡ଼ି ଏବଂ ସ୍ତମ୍ଭର ସଂଖ୍ୟାମାନଙ୍କର ସମଷ୍ଟି ସମାନ ହେବ ।










୧୭. ଯୋଗ କିମ୍ବା ବିୟୋଗ କରି ମଝି ସଂଖ୍ୟା ପାଇବାକୁ ଚେଷ୍ଟା କର ।





୧୮. ଖାଲିଥିବା ଗୋଲ ମଧ୍ୟରେ ଠିକ ସଂଖ୍ୟା ଲେଖ ।







DRAFT

୧୯. ସରିତା ପାଖରେ ପ୍ରତ୍ୟେକ ମୁଦ୍ରାରୁ ୪ଟି ଲେଖାଏଁ ଅଛି ।




୪୯ ଟଙ୍କା ଖର୍ଚ୍ଚ କରିବାକୁ ଅତି କମରେ କେତୋଟି ମୁଦ୍ରାକୁ ବ୍ୟବହାର କରାଯାଇପାରିବ । ତୁମେ ଉତ୍ତର କିପରି ପାଇଲ ସାଙ୍ଗମାନଙ୍କ ସହ ଆଲୋଚନା କର ।

୨୦. କମଳାର  ମୂଲ୍ୟ କେତେ ?




୨୧. ଆସ ବଲ୍ ଖେଳିବା । ପ୍ରତ୍ୟେକ ବଲ୍‌ରେ ତା'ର ମୂଲ୍ୟ ଲେଖା ଯାଇଛି ।




କ. କେଉଁ ତିନୋଟି ବଲ୍ ନେଲେ ତୁମେ ୧୪ ପାଇବ ?

ଖ. ସବୁଠାରୁ ଅଧିକ ଯୋଗଫଳ ପାଇବା ପାଇଁ କେଉଁ ତିନୋଟି ବଲ ନେବ ?

ଗ. ସବୁଠାରୁ କମ ଯୋଗଫଳ ପାଇବା ପାଇଁ କେଉଁ ତିନୋଟି ବଲ ନେବ ?

DRAFT


# ଟିପ୍ପଣୀ

DRAFT

# ଟିପ୍ପଣୀ


DRAFT

ଉଦାହରଣ ଦେଖି ଚିତ୍ରରେ ଖାଲି ଘରଗୁଡ଼ିକରେ ସଂଖ୍ୟା ଲେଖ




DRAFT

# ଆସ ଖେଳିବା



## ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

- ସୁସ୍ଥ ଶରୀରରେ ସୁସ୍ଥ ମନ,
  ବଢ଼ିବ ଏକାଗ୍ରତା ଜାଣ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ
  ଖେଳୁ ଥାଏ ଯିଏ ଖେଳ,
  ସାହସ ଶୃଙ୍ଖଳା ଦଳୀୟ ଭାବନା
  ବଢ଼େ ମାନସିକ ବଳ ।
- ଖେଳ ମାଧ୍ୟମରେ ପଢ଼ିଲେ ପାଠ,
  ଜୀବନ ସଂଗ୍ରାମେ ଫିଟିବ ବାଟ ।
- ସରସ ସୁନ୍ଦର ରହିବ ମନ,
  କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।
- ନିତିଦିନ କ୍ରୀଡ଼ା ଅଭ୍ୟାସ କର,
  ଜୀବନ ହୋଇବ ଚିର ସୁନ୍ଦର ।
- ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ
  ସୁଠାମ ରଖିପାରିଥାଏ ।
- ସବୁଦିନ ଯୋଗ କରିବା,
  ସୁସ୍ଥରେ ଆମେ ରହିବା ।

## ଦିବ୍ୟାଙ୍ଗ ପିଲାଙ୍କ ପାଇଁ ବାର୍ତ୍ତା

ଆସ ସାଙ୍ଗ ହୋଇ ପାଠ ପଢ଼ିବା,
ଆମେ ପୂରା ସକ୍ଷମ ତାହା ଜାଣିବା ।

ବ୍ରେଲ ବହି ପଢ଼ା ଅତି ସହଜ,
ବିଦ୍ୟାଳୟ ତାହା ଦେଖାଏ ବାଟ ।

### ଦିବ୍ୟାଙ୍ଗ ଛାତ୍ର ଛାତ୍ରୀମାନଙ୍କ ପାଇଁ

ଦିବ୍ୟାଙ୍ଗ ଛାତ୍ରାଛାତ୍ରୀଙ୍କୁ ସାଧାରଣ ବିଦ୍ୟାଳୟ ପରିବେଶରେ ସାମିଲ କରାଇ ସେମାନଙ୍କ ଦକ୍ଷତାର ବିକାଶ ସାଧନ ନିମନ୍ତେ ସମଗ୍ର ଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ, ବ୍ରେଲ ବହି, ସହାୟକ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର, ଡାକ୍ତରୀ ପରୀକ୍ଷା, ଅସ୍ତ୍ରୋପଚାର ସୁବିଧା, ଫିଜିଓ ଥେରାପି, ବାଣୀ ବିକାଶ ତାଲିମ (Speech therapy) ଶିକ୍ଷକ ପ୍ରଶିକ୍ଷଣ, ସୃଜନଶୀଳତାର ବିକାଶ ନିମନ୍ତେ କାର୍ଯ୍ୟକ୍ରମ, ଅଭିଭାବକଙ୍କ ପ୍ରଶିକ୍ଷଣ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆଦିର ବ୍ୟବସ୍ଥା କରାଯାଇଛି ।

### ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ

ସରକାରୀ କାର୍ଯ୍ୟ ଦିବସରେ ବିଦ୍ୟାଳୟ ସମ୍ପର୍କିତ ସମସ୍ୟା ଯଥା: ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା, ଶ୍ରେଣୀ ଗୃହ ଅଭାବ, ଶିକ୍ଷକ ଅଭାବ, ପିଇବା ପାଣିର ଅସୁବିଧା, ଶିକ୍ଷାଦାନ ସମ୍ବନ୍ଧୀୟ ସମସ୍ୟା, ବିଦ୍ୟାଳୟ ସମୟରେ ଛାତ୍ର ଛାତ୍ରୀମାନଙ୍କ ଆକସ୍ମିକ ଦୁର୍ଘଟଣା ଆଦି ଅଭିଯୋଗ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ମଧ୍ୟରେ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୨୨ରେ ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଚାଇଲ୍ଡ୍ ହେଲ୍ପ ଲାଇନ ୧୦୯୮ (ଦେୟମୁକ୍ତ) କୁ ଫୋନ କଲେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ତୁରନ୍ତ ମାଗଣାରେ ଉପଯୁକ୍ତ ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି ।



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର